

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:123+26 August 2026 (Wednesday)+Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୧୨୩+୨୬ ଅଗଷ୍ଟ ୨୦୨୬ (ବୁଧବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

## ଭଦ୍ରକରେ ଚତୁର୍ଥ ବନ୍ୟା ଆଶଙ୍କା :

# ବିପଦ ସଙ୍କେତ ଉପରେ ସାଳନ୍ଦୀ ଓ ବୈତରଣୀ, ଅନେକ ପଚାଂଯତ ଜଳମଗ୍ନ



ଭଦ୍ରକ,୨୫/୮(ନି/ପ୍ର): ଭଦ୍ରକ ଜିଲ୍ଲାର ଗତ ୨୪ ଘଟାଂ ଧରି ଅନବରତ ବର୍ଷା ଓ ଗତ ତିନି ଦିନ ହେଲା ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ସାଳନ୍ଦୀ ନଦୀର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ତିନି ତିନିଟି ବନ୍ୟା ଯିବା ପରେ ଏହାକୁ ସାଳନ୍ଦୀର ଚତୁର୍ଥ ବନ୍ୟା କୁହାଯାଉଛି । ହଦଗଡ଼ ଡ୍ୟାମରୁ ଉଦ୍‌ବୃତ ଜଳ ପ୍ରବାହିତ ନଦୀର ନିମ୍ନ ସ୍ରୋତକୁ ପ୍ରବାହିତ ହେଉଛି । ରାଜଘାଟ ଠାରେ ସାଳନ୍ଦୀ ନଦୀରେ ବନ୍ୟା ଜଳ ୧୭ ଫୁଟ ଉପରେ ପ୍ରବାହିତ ହେଉଛି । ସାଳନ୍ଦୀ ବନ୍ୟା ଯୋଗୁଁ ଜିଲ୍ଲାର ଭଦ୍ରକ ବ୍ଲକର ୧୦ ପଚାଂଯତ ଜଳମଗ୍ନ ହୋଇଛି । ତିହିଡ଼ି ବ୍ଲକ୍‌ର ୧୧ ପଚାଂଯତ ଓ ଚାନ୍ଦବାଲି ବ୍ଲକର ୭ ପଚାଂଯତ ଜଳମଗ୍ନ ହୋଉଛି । ସାଳନ୍ଦୀର ବନ୍ୟା ଜଳ ହଜାର ହାଜର ଏକର ଚାଷ ଜମିରେ ମାଡ଼ି ଯାଇଛି । ବନ୍ୟା ପାଣି ବିଲନା, ଲଞ୍ଜା, ବାରୁଅ, ବୋଡକ, ତଲଗୋପ ବିନ୍ଧା ଆଦି ଅଂଚଳରେ ଲୋକଙ୍କ ଘର ଆଗରେ ଲହଡ଼ି ଭଙ୍ଗୁଛି । ଆରଡି ଅଂଚଳ ପୁଣି ହୋଉଛି ଜଳମୟ । ସେହିପରି ବୈତରଣୀ ନଦୀରେ ଆଖୁଆପଦା ଠାରେ ଜଳସ୍ତର ବିପଦ ସଙ୍କେତ ଉପରେ ୧୮ ୪୪ ମିଟର ଉପରେ ଜଳ ପ୍ରବାହିତ ହେଉଛି । ରାତି ବେଳକୁ ଏହାର ଜଳସ୍ତର ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ବୈତରଣୀ ବନ୍ୟା ଜଳ ଓ ବର୍ଷା ଜଳରେ ଭଣ୍ଡାରିପୋଖରୀ ବ୍ଲକର ୧୫ ପଚାଂଯତ, ଧାମନଗର ବ୍ଲକର ୩୦ ପଚାଂଯତ, ତିହିଡି ବ୍ଲକର ୧୧ ପଚାଂଯତ ଓ ଚାନ୍ଦବାଲି ବ୍ଲକର ୪ ପଚାଂଯତ ଜମି ବାଡ଼ି ଓ ଲୋକଙ୍କ ଘରଦ୍ୱାର , ରାସ୍ତା ଘାଟ ସବୁ ବୁଡ଼ି ଯାଇ । ଯାହା ବନ୍ୟା ଜଳ କମି ଥିଲା । ଗତକାଲି (ସୋମବାର) ଠାରୁ ବୈତରଣୀ ତଳିଆ ଅଂଚଳରେ ରାସ୍ତା ଘାଟ ବୁଡି ଯାଇଛି । ନଦୀ କୂଳିଆ ଲୋକମାନେ ବନ୍ୟା ଛାଡିବା ପରେ ଘରକୁ ଫେରୁଥିଲେ । ପୁଣି ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ଲୋକମାନେ ଘର ଚାଡି ପୁଣି ଆଶ୍ରୟ ସ୍ଥଳ, ଓ ବନ୍ଧ ଉପରକୁ ପଲାଇ ଆସୁଛନ୍ତି ଗତ ଜୁଲାଇ ମାସ ୨୫ ତାରିଖ ଠାରୁ ବର୍ଷା ଲାଗି ରହିଛି । ଜୁଲାଇ ୨୮ ତାରିଖରେ ସାଳନ୍ଦୀ ଓ ବୈତରଣୀ ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ଆସି ଥିଲା ଆଜିର ପୁଣି ବନ୍ୟା ଜଳ ଭଦ୍ରକ ଜିଲ୍ଲାକୁ ବୁଡ଼ାଇ ଦେଉଥିବା ବେଳେ ଏହା ଚତୁର୍ଥ ବନ୍ୟା । ସେହିପରି ବୈତରଣୀ ନଦୀରେ ଆଖୁଆପଦା ଠାରେ ଜଳସ୍ତର ବିପଦ ସଙ୍କେତ ଉପରେ ୧୮ ୪୪ ମିଟର ଉପରେ ଜଳ ପ୍ରବାହିତ ହେଉଛି ।

## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com

# ଚୀନ୍‌ର ହାଇପରସୋନିକ୍ ଏୟାର-ଟୁ-ଏୟାର ଗ୍ଲାଇଡ୍ କ୍ଷେପଣାସ୍ତ୍ର



ନୂଆଦିଲ୍ଲୀ,୨୫/୮ : ଚୀନ୍ ସେନା ଏପରି ହାଇପରସୋନିକ୍ ଗ୍ଲାଇଡ୍ ଯାନ ବିକଶିତ କରିଛି ଯାହା ଆକାଶରୁ ଆକାଶରେ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରିବାକୁ ସକ୍ଷମ । ଏହା ହଜାର ହଜାର ମାଇଲ୍ ଦୂରରେ କମାଣ୍ଡ-ଏଣ୍ଡ-କଣ୍ଟ୍ରୋଂଲ୍ ବିମାନ ଭଳି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟସ୍ଥଳର ଲକ୍ଷ୍ୟଭେଦ କରି ପାରିବ । ଚୀନ୍ ପାଖରେ ବିଶ୍ୱର ସର୍ବବୃହତ ଅସ୍ତ୍ରଶସ୍ତ୍ର ଭଣ୍ଡାର ଅଛି । ସେଥିରେ ୩,୧୫୦ ରୁ ଅଧିକ ବାଲିଷ୍ଟିକ୍ ଅସ୍ତ୍ରଶସ୍ତ୍ର ଅଛି । ଅପରପକ୍ଷରେ ଇରାନ ସହିତ ଛଅ ମାସର ଯୁଦ୍ଧ ପରେ ଆମେରିକା ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ର ଏବଂ ଦୂରଗାମୀ ଅସ୍ତ୍ରଶସ୍ତ୍ର ଅଭାବର ସମ୍ମୁଖୀନ ହେଉଛି । ଯଦି ଚୀନ୍ ସହିତ ସଂଘର୍ଷ ହେବ ତେବେ ଆମେରିକାର ବିମାନ ଅଭିଯାନ ପାଇଁ ବିପଦ ସୃଷ୍ଟି ହୋଇପାରେ । ଚୀନ୍‌ର ଡିଏଫ-୧୭ କ୍ଷେପଣାସ୍ତ୍ରରୁ ଉତକ୍ଷେପଣ କରାଯାଇଥିବା ଏକ ହାଇପରସୋନିକ୍ ଗ୍ଲାଇଡ୍ ଯାନ ପ୍ରାୟ ୧,୫୦୦ ମାଇଲ୍ ବା ୨,୪୧୪ କିଲୋମିଟର) ଦୂରତା ଯାତ୍ରା କରିପାରିବ । ଏହି ଦୂରତା ଚୀନ୍ ଠାରୁ ଆମେରିକାର ପ୍ରମୁଖ ସାମରିକ ଘାଟି ଗୁଆମ୍ ଅଂଚଳ ପର୍ଯ୍ୟନ୍ତ ଦୂରତାଠାରୁ ଅଳ୍ପ କମ୍ । ସେହିପରି ଡିଏଫ-୨୭ କ୍ଷେପଣାସ୍ତ୍ରର ସର୍ବାଧିକ ସୀମା ପ୍ରାୟ ୫,୦୦୦ ମାଇଲ୍ ବା ୮,୦୪୭ କିଲୋମିଟର । ଏହା ହାୱାଇକୁ ନିଜର ପରିସର ମଧ୍ୟରେ ରଖିଛି । ହାଇପରସୋନିକ୍ ଗ୍ଲାଇଡ୍ ଯାନ(ଏଚଜିଭି) ଲକ୍ଷ୍ୟସ୍ଥଳକୁ ଯିବା ସମୟରେ ମଝି ଆକାଶରେ ନିଜର ଦିଗ ପରିବର୍ତ୍ତନ କରି ନିଜ ଆକ୍ରମଣ ପରିସର ବୃଦ୍ଧି କରିବାକୁ ସକ୍ଷମ । ଫଳରେ ସେମାନଙ୍କୁ ଅଟକାଇବା ଅଧିକ କଷ୍ଟକର ହୋଇଥାଏ । ଚୀନ୍‌କୁ ଛାଡିଦେଲେ ଅନ୍ୟ କୌଣସି ଦେଶ ପାଖରେ ଏପରି ଅସ୍ତ୍ର ନାହିଁ ଯାହା ଏଚଜିଭି ଏବଂ ଆକାଶରୁ ଆକାଶ କ୍ଷେପଣାସ୍ତ୍ରକୁ ମିଳିତ ଭାବେ ଆକ୍ରମଣରେ ସାମିଲ କରିପାରିବ ।

## ଧୋନିଙ୍କୁ ଟପିଲେ ପନ୍ତ

କଲମ୍ବୋ,୨୫/୮: ଭାରତୀୟ ୱିକେଟ୍ ରକ୍ଷକ ଭାବେ ବିଦେଶରେ କିମ୍ବା ନିରପେକ୍ଷ ସ୍ଥାନରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ ସ୍କୋର୍ କରିଛନ୍ତି ଋଷଭ ପନ୍ତ । ଫଳରେ ତାଙ୍କ କୃତିତ୍ୱର ଗାଥାରେ ପନ୍ତ ଆଉ ଏକ ନୂଆ ଫର୍ଦ୍ଦ ଯୋଡିଛନ୍ତି । ଭାରତୀୟ ପ୍ରଥମ ଇନିଂସରେ ଋଷଭ ୨ଟି ଛକା ଓ ୬ଟି ଚୌକା ମାରିବା ସହ ୬୩ ରନ୍ କରିଥିଲେ । ଫଳରେ ଭାରତୀୟ ୱିକେଟ୍ ରକ୍ଷକ ଭାବେ ବିଦେଶରେ କିମ୍ବା ନିରପେକ୍ଷ ସ୍ଥାନରେ ଟେଷ୍ଟ କ୍ରିକେଟରେ ୨୫୦୦ ରନ୍ ପନ୍ତ ଅତିକ୍ରମ କରିଛନ୍ତି । ଅଦ୍ୟାବଧି ପନ୍ତ ଟେଷ୍ଟ କ୍ରିକେଟରେ ବିଦେଶରେ ୨୫୦୧ ରନ୍ କରିଛନ୍ତି । ତାଙ୍କ ବ୍ୟାଟିଂ ଆଭରେଜ୍ ୪୧.୬୮୯ ।

# ଆମେରିକା ପ୍ରଥମେ ନିଜର ମନୋଭାବରେ ସୁଧାର ଆଣିବା ଉଚିତ୍ : ଇରାନ



ନୂଆଦିଲ୍ଲୀ,୨୫/୮: ମଧ୍ୟସ୍ଥି ପାକିସ୍ତାନ ସମ୍ମୁଖରେ ଆମେରିକାର ଆଭିମୁଖ୍ୟ ଉପରେ ଇରାନ ପ୍ରଶ୍ନ ଉଠାଇଛି । ତେହେରାନରେ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କ ସହ ସାକ୍ଷାତ କରି ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ କହିଛନ୍ତି ଯେ ଆମେରିକାର ଆଭିମୁଖ୍ୟ ଯୋଗୁଁ ସମାଧାନ ହୋଇପାରୁ ନାହିଁ । ଯଦି ଆମେରିକା ଯୁଦ୍ଧ ଶେଷ କରିବାକୁ ଏବଂ ପରିସ୍ଥିତିରେ ଉନ୍ନତି ଆଣିବାକୁ ଚାହେଁ, ତେବେ ତାକୁ ଇରାନ ପ୍ରତି ନିଜର ଆଭିମୁଖ୍ୟରେ ପରିବର୍ତ୍ତନ କରିବାକୁ ପଡିବ । ଟ୍ରମ୍ପ ପ୍ରଶାସନର ଚାପ ଏବଂ ଧମକ ଏମଓୟୁ କାର୍ଯ୍ୟକାରୀ କରିବା ପ୍ରକ୍ରିୟାକୁ ଆହୁରି ଜଟିଳ କରୁଛି । ମାସୁଦ ସ୍ପଷ୍ଟ ଭାବରେ ମୁନିରଙ୍କୁ କହିଛନ୍ତି ଯେ, ଆମେରିକାର ବୃଥା ଧମକ ଦ୍ୱାରା ଇରାନ ଭୟଭୀତ ହେବ ନାହିଁ । ଏହି ସମୟରେ, ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଧମକ ଦେଇ କହିଛନ୍ତି, ନୂତନ ଆର୍ଥିକ କଟକଣା ସହିତ ଇରାନ ବିରୋଧରେ ପୁଣି ଥରେ ସାମରିକ ଆକ୍ରମଣର ବିକଳ୍ପ ମଧ୍ୟ ଖୋଲା ରହିଛି । ଆମେ ହର୍ମୁଜ୍ ପ୍ରଣାଳୀ କିମ୍ବା ଇରାନ ନିକଟବର୍ତ୍ତୀ କୌଣସି ସ୍ଥାନରେ ଆକ୍ରମଣର ବିକଳ୍ପକୁ ଅସ୍ୱୀକାର କରୁନାହୁଁ । ଆମେରିକାର ଆର୍ଥିକ ଚାପକୁ ଇରାନ କେବେ ମଧ୍ୟ ସହ୍ୟ କରିପାରିବ ନାହିଁ । ଆମେରିକାର ନୂଆ ଆର୍ଥିକ କଟକଣା ଯୋଗୁଁ ଏହି ଅଂଚଳରେ ଉତେଜନା ବୃଦ୍ଧି ପାଇଥିବା ବେଳେ ମୁନିର ଇରାନ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଇରାନରେ ପହଚିଂଛନ୍ତି । ଇରାନକୁ ହାର ମାନିବାକୁ ବାଧ କରିବା ପାଇଁ ଆମେରିକା ଆର୍ଥିକ ଆକ୍ରମଣ କରିଛି । ଅପରପକ୍ଷରେ ଇରାନ ନିଜ ସର୍ତ୍ତରୁ ପଛକୁ ହଟିବାକୁ ନାରାଜ ହେଉଛି । ମୁନିରଙ୍କ ସହ ତାଙ୍କର ଆଲୋଚନାରେ ମାସୁଦ ଆଶା ପ୍ରକାଶ କରିଛନ୍ତି ଯେ, ଇରାନ ଏବଂ ପାକିସ୍ତାନ ମଧ୍ୟରେ ନିରନ୍ତର ସହଯୋଗ ୧୪-ସୂତ୍ରୀ ବୁଝାମଣାପତ୍ର (ଏମଓୟୁ)ରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ । ସେ କହିଛନ୍ତି ଯେ ଶାନ୍ତି ପାଇଁ ୱାସିଂଟନକୁ ଇରାନକୁ ଦେଇଥିବା ଅନ୍ତର୍ଜାତୀୟ ଆଇନ ଏବଂ ମାନଦଣ୍ଡ ଉପରେ ଆଧାରିତ ପ୍ରତିଶ୍ରୁତି ପାଳନ କରିବାକୁ ପଡିବ । ମାସୁଦ ପେଜେଶକିୟାନ କହିଛନ୍ତି ଯେ ଆମେରିକା ଇରାନ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛି ଏବଂ ଧମକ ଦେଉଛି । ଇରାନବାସୀ ଜାତୀୟ ଏକତା ମାଧ୍ୟମରେ ଏହି ଚାପକୁ ସହ୍ୟ କରିବେ, ଯେପରି ସେମାନେ ବର୍ଷ ବର୍ଷ ଧରି କରିଆସୁଛନ୍ତି । ଆମେ ଆମେରିକା ଏବଂ ଆମର ବିରୋଧୀମାନଙ୍କୁ କହିବାକୁ ଚାହୁଁଛୁ ଯେ ଇରାନ ଏକତା ମାଧ୍ୟମରେ ଯେକୌଣସି ଚାପ ଏବଂ ବିପଦକୁ ପ୍ରତିହତ କରିବ । ଇରାନ ଇସଲାମିକ୍ ଦେଶ ଏବଂ ପଡ଼ୋଶୀମାନଙ୍କ ସହିତ ଆର୍ଥିକ, ରାଜନୈତିକ ଏବଂ ସୁରକ୍ଷା ମାମଲାରେ ଯେକୌଣସି ପ୍ରକାରର ସହଯୋଗ ଏବଂ ଆଲୋଚନା ପାଇଁ ପ୍ରସ୍ତୁତ । ଆମେ ସର୍ବଦା ଶାନ୍ତି ଏବଂ ବନ୍ଧୁତାର ବାର୍ତ୍ତା ପ୍ରଚାର କରୁଛୁ । ସ୍ଥାୟୀ ଶାନ୍ତି ଏବଂ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଆମେ ଆଂଚଳିକ ସହଯୋଗ ପାଇଁ ଆହ୍ୱାନ ଦେଉଛୁ ।

# ବନ୍ଧୁକ ମୁନରେ ଶିକ୍ଷୟିତ୍ରୀଙ୍କ ନିକଟରୁ ମୋବାଇଲ ଲୁଟ୍



ନୀଳଗିରି,୨୫/୮(ନି/ପ୍ର): କାନପୁର ଗାଁରୁ ଟ୍ୟୁସନ ସାରି କାଣ୍ଡଗରଡି ନିଜ ଘରକୁ ଫେରୁଥିବା ବେଳେ ବନ୍ଧୁକ ମୁନରେ ଜଣେ ଶିକ୍ଷୟିତ୍ରୀଙ୍କ ନିକଟରୁ ମୋବାଇଲ ଲୁଟ୍ ହୋଇଥିବା ନେଇ ଈଶ୍ୱରପୁର ଫାଣ୍ଡିରେ ଅଭିଯୋଗ ହୋଇଛି । ତିନିଜଣ ଦୁର୍ବୃତ୍ତ ଗୋଟିଏ ଗାଡ଼ିରେ ଆସି କରିଛନ୍ତି ଲୁଟ୍ । ନୟାପଟଣା ଛକରେ ଘଟିଛି ଏହି ଘଟଣା । ସୂଚନାଯୋଗ୍ୟ, ଈଶ୍ୱରପୁର ଫାଣ୍ଡି ଅଧୀନ କାଣ୍ଡଗରଡ଼ି ଗାଁର ଦେବେନ୍ଦ୍ର ପାଣିଗ୍ରାହୀଙ୍କ ଝିଅ ସାଇପ୍ରଭା ପାଣିଗ୍ରାହୀ ସ୍କୁଲ ପରେ ଟ୍ୟୁସନ ସାରି ଘରକୁ ଫେରୁଥିଲେ । ନୟାପଟଣା ଛକରେ ଦୁର୍ବୃତମାନେ ସାଇପ୍ରଭାଙ୍କ ବେକରେ ବନ୍ଧୁକ ଲଗାଇ ମୋବାଇଲ ଲୁଟ୍ କରିଛନ୍ତି । ଭୟରେ ସାଇକେଲ ଛାଡ଼ି ଘରକୁ ଫେରିଥିଲେ ଶିକ୍ଷୟିତ୍ରୀ ଓ ପରେ ଫାଣ୍ଡିରେ ଅଭଯୋଗ କରିଛନ୍ତି । ସନ୍ତରାଗାଡ଼ିଆ ଓ କାନପୁର ଅଂଚଳରେ ସନ୍ଧ୍ୟା ସମୟରେ ଆତଙ୍କ ଖେଳାଉଛନ୍ତି ଦୁର୍ବୃତ । ପୁଲିସ ପାଟ୍ରୋଲିଙ୍ଗକୁ କଡ଼ାକଡ଼ି କରିବା ସହ ଦୁର୍ବୃତଙ୍କୁ ଧରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଦାବି କରିଛନ୍ତି ।

# ୫୦ ଡେଇଁଲା ପିଆଜ



କଟକ,୨୫/୮(ନି/ପ୍ର):ପିଆଜ ଖାଉଟିଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀଙ୍କୁ କନ୍ଦାଇଲାଣି । ସକାଳୁ ଗୋଟିଏ ଦର ଥିବାବେଳେ ସନ୍ଧ୍ୟାରେ ଦର ବଢ଼ିଯାଉଛି । ପୂର୍ବରୁ ପିଆଜ କିଲୋ ପ୍ରତି ୩୦ ରୁ ୩୫ ଟଙ୍କା ବିକ୍ରି ହେଉଥିବାବେଳେ ଏବେ ଏହା ଅର୍ଦ୍ଧଶତକ ଛୁଇଁଛି । ଖୁଚୁରା ଦୋକାନରେ ଦାମ୍ ଆହୁରି ଉଚ୍ଚା । ଯାହାକୁ ନେଇ ଚିନ୍ତା ବଢ଼ିଥିବାବେଳେ ମହାରାଷ୍ଟ୍ରର ନାସିକରେ ଉତ୍ପାଦନ କମ୍ ଯୋଗୁଁ ଓଡ଼ିଶାର ବଜାରରେ ଏହାର ସିଧାସଳଖ ପ୍ରଭାବ ପଡୁଥିବା ଜଣାପଡ଼ିଛି । ନାସିକରେ ମାସକ ପୂର୍ବରୁ ପିଆଜ କ୍ୱି[ାଲ ପିଛା ୨୦୫୦ ଟଙ୍କା ଥିଲା: ହେଲେ ଏବେ ଏହାର ପାଖାପାଖି ୩୬୦୦ ରୁ ୩୮୦୦ ଟଙ୍କା ରହିଛି । ଓଡ଼ିଶା ଆସିବା ପରେ ଦର ସେହି ଅନୁଯାୟୀ ବଢ଼ିଛି । ଓଡ଼ିଶା ପିଆଜ ପାଇଁ ସବୁବେଳେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଉପରେ ନିର୍ଭର କରି ଆସୁଛି । ରାଜ୍ୟରେ ସାଧାରଣ ପିଆଜ ଉତ୍ପାଦନ ହେଉନାହିଁ । ସିଂହଭାଗ ମହାରାଷ୍ଟ୍ରର ନାସିକରୁ ଆମଦାନୀ କରିବାକୁ ପଡୁଛି । ଚଳିତବର୍ଷ ନାସିକରେ ମୌସୁମି ବିଳମ୍ବ ସହ ବନ୍ୟା ଯୋଗୁଁ ପିଆଜ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଯାହା ପ୍ରଭାବରେ ଉତ୍ପାଦନ କମ୍ ସହ ମଣ୍ଡିରେ ଦର ବୃଦ୍ଧି ହୋଇଛି । ନାସିକରେ ଜୁଲାଇ ମାସରେ କ୍ୱିଂଟାଲ ପିଛା ୨୦୫୦ ଟଙ୍କା ପିଆଜ ଦର ରହିଥିଲା । ଅଗଷ୍ଟ ୧୯ରେ ଏହା ବୃଦ୍ଧି ପାଇ ୩୭୫୦ ଟଙ୍କା ହୋଇଥିଲା । ୨୧ ତାରିଖ ଏହା କମି ୩୬୦୦ ଟଙ୍କା ହୋଇଥିଲା; ମାତ୍ର ଏହି ୩ ଦିନ ମଧ୍ୟରେ ଦର କ୍ୱିଂଟାଲ ପିଛା ୩୯୦୦ ଟଙ୍କା ରହିଛି । ନାସିକ ଯୋଗୁଁ ସର୍ବଭାରତୀୟସ୍ତରରେ ଦର ପରିବର୍ତ୍ତନ ହୋଇଛି । ଆଜି ଦେଶରେ ପିଆଜ ହାରାହାରି କ୍ୱିଂଟାଲ ପିଛା ୪ ହଜାରରୁ ୪୫୦୦ ମଧ୍ୟରେ ରହିଛି । ତେଣୁ ଉତ୍ପାଦନ କମ୍ ଏବଂ ଦର ଅଧିକ ଯୋଗୁଁ ଓଡ଼ିଶାକୁ ପିଆଜ କମ୍ ଆସୁଛି । ଯାହାଦ୍ୱାରା ହୋଲସେଲ ବଜାର ଏବଂ ଖୁଚୁରା ବଜାରରେ ଏହାର ମୂଲ୍ୟ ଅଧିକ ହୋଇଛି । କଟକରେ ଆଜି ପିଆଜ କ୍ୱିଂଟାଲ ପିଛା ୪ ହଜାରରୁ ୪୩୦୦ ଟଙ୍କା ରହିଛି ।

## ଇରାନ ସଂସଦର ମଞ୍ଜୁରୀ :

## ହର୍ମୁଜରୁ ଆଦାୟ କରିବ ଟୋଲ୍

ତେହରାନ,୨୫/୮ : ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବନ୍ଦ ହେବାର ନା ଧରୁନି । ଏହି ସଂଘର୍ଷ ବିଶ୍ୱରେ ସଙ୍କଟ ସୃଷ୍ଟି କରିଛି । ହର୍ମୁଜ ପ୍ରଣାଳୀରେ ଅଚଳାବସ୍ଥା ଜାରି ରହିଥିବାରୁ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି । ଏପରି ସମୟରେ ହର୍ମୁଜ ଦେଇ ଯାଉଥିବା ଜାହାଜରୁ ଇରାନ ଟିକସ ତଥା ଶୁଳ୍କ ଆଦାୟ କରିବାକୁ ନିଷ୍ପତ୍ତି ନେଇଛି । ଇରାନ ସଂସଦ ଏହାକୁ ମଞ୍ଜୁରୀ ଦେଇଛି । ଇରାନ ଗଣମାଧ୍ୟମର ସୂଚନା ଅନୁଯାୟୀ, ଶୁଳ୍କ ବଦଳରେ ଜାହାଜକୁ ସାମୁଦ୍ରିକ ସେବା, ସୁରକ୍ଷା ଓ ବୀମା ଭଳି ସୁବିଧା ପ୍ରଦାନ କରାଯିବ । ଏହା ବ୍ୟତୀତ ପରିବେଶ ସମ୍ବନ୍ଧିତ ସେବା ଓ ବିଶେଷ ପରିସ୍ଥିତିରେ ଇନ୍ଧନ ଯୋଗାଇ ଦିଆଯିବ । ଏଥି ପାଇଁ ରିଆଲ କିମ୍ବା ଇରାନ ପସନ୍ଦର ଅନ୍ୟକୌଣସି ମୁଦ୍ରାରେ ଅର୍ଥ ପୈଠ କରିବାକୁ ପଡ଼ିବ ।

## ବିଶ୍ୱ ସମୁଦାୟଙ୍କୁ ଆମେରିକାର କଡ଼ା ଚେତାବନୀ :

# ଇରାନ ସହିତ ସମ୍ପର୍କ ଛିନ୍ନ କର ନଚେତ୍ କଠୋର ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହେବ



ୱାସିଂଟନ,୨୫/୮ :ଇରାନ ବିରୋଧରେ ଆମେରିକା ଏକ ବିଶାଳ ଏବଂ କଠୋର ବିଶ୍ୱସ୍ତରୀୟ ଆର୍ଥିକ ପ୍ରତିବନ୍ଧକ ଅଭିଯାନ ଆରମ୍ଭ କରିଛି । ଆମେରିକା ସରକାର ବିଶ୍ୱର ସମସ୍ତ ଦେଶମାନଙ୍କୁ ଇରାନ ସହିତ ସମସ୍ତ ବାଣିଜ୍ୟ ସମ୍ପର୍କ ତୁରନ୍ତ ଶେଷ କରିବାକୁ କଠୋର ଚେତାବନୀ ଦେଇଛନ୍ତି । ୱାସିଂଟନ୍ ସମସ୍ତ ବାଣିଜ୍ୟିକ ଅଂଶୀଦାର ଏବଂ କମ୍ପାନିଗୁଡ଼ିକୁ ଇରାନ ସହିତ ସେମାନଙ୍କ ସମ୍ପର୍କ ସମାପ୍ତ କରିବା ପାଇଁ କଠୋର ସମୟସୀମା ଜାରି କରିଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆଦେଶ ପାଳନ ନକଲେ ଉଲ୍ଲଂଘନକାରୀ ଦେଶ ଏବଂ ବିଦେଶୀ ସଂସ୍ଥାଗୁଡ଼ିକ ଉପରେ କଠୋର ପ୍ରତିବନ୍ଧକ ଲଗାଯିବ ।ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଟଂ ଅନୁଯାୟୀ, ଏହି ନୂତନ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଇରାନର ଆର୍ଥିକ ଏବଂ ଅର୍ଥନୈତିକ ଜୀବନରେଖାକୁ କାଟି ଦେବା । ସେ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି ଯେ ଇରାନ ଯେଉଁ ସବୁ ରାସ୍ତା ଦେଇ ଅଶୋଧିତ ତୈଳ ବିକ୍ରୟ କରି ରାଜସ୍ୱ ସଂଗ୍ରହ କରୁଛି ତାହାକୁ ବନ୍ଦ କରିଦିଆଯିବ । ତୈଳ ଚୋରା ଚାଲାଣ, କ୍ଷେପଣାସ୍ତ୍ର ବିକାଶ, ସାଇବର ଏବଂ ପରମାଣୁ ନେଟୱାର୍କ ସହିତ ଜଡିତ ୬୦ ଜଣ ପ୍ରମୁଖ ବ୍ୟକ୍ତି, ଜାହାଜ ଏବଂ କମ୍ପାନି ଉପରେ ଟ୍ରେଜେରୀ ବିଭାଗ ନୂତନ କଠୋର କଟକଣା ଲାଗୁ କରିଛି । ଟ୍ରେଜେରୀ ସଚିବ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଇରାନର କଳା ଟଙ୍କା ଧଳା କରିବାରେ ସାହାଯ୍ୟ କରୁଥିବା ଯେକୌଣସି ସଂସ୍ଥାକୁ ଡଲାର ସିଷ୍ଟମରୁ ବାଦ୍ ଦିଆଯିବ । ଏହି ବ୍ୟାପକ ଅଭିଯାନର ଏକ ଅଂଶ ସ୍ୱରୂପ, ଆମେରିକାର ଟ୍ରେଜେରୀ, ଷ୍ଟେଟ୍ ଡିପାର୍ଟମେଣ୍ଟ ଏବଂ ସାମରିକ ବାହିନୀର ସ୍ୱତନ୍ତ୍ର ଦଳଗୁଡ଼ିକ ଏବେ ବିଶ୍ୱର ବିଭିନ୍ନ ଦେଶକୁ ଯାତ୍ରା କରୁଛନ୍ତି ଏବଂ ସେମାନଙ୍କର ବିଶ୍ୱ ପ୍ରତିପକ୍ଷଙ୍କ ସହ ସାକ୍ଷାତ କରୁଛନ୍ତି ଏବଂ ୱାସିଂଟନ ଦ୍ୱାରା ଚିହ୍ନଟ କରାଯାଇଥିବା ସନ୍ଦେହଜନକ ଆର୍ଥିକ କାର୍ଯ୍ୟକଳାପ ବିଷୟରେ ସେମାନଙ୍କୁ ସୂଚନା ଦେଉଛନ୍ତି । ବିଶେଷଜ୍ଞଙ୍କ ମତରେ, ଆମେରିକାର ପ୍ରାଥମିକ ଲକ୍ଷ୍ୟ ହେଉଛି ଇରାନ ଶାସନକୁ ସବୁ ଦିଗରୁ ଅଲଗା କରି ଏକ ଘରିକିଆ କରିବା । ସାମରିକ କାର୍ଯ୍ୟକଳାପ ପାଇଁ ଇରାନର ପାଣ୍ଠି ସଂଗ୍ରହକୁ ରୋକିବା । ତେବେ ଆମେରିକା ସରକାର ଏପର୍ଯ୍ୟନ୍ତ ଦେଶଗୁଡ଼ିକ ପାଇଁ ଏହି ନିୟମ ପାଳନ କରିବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ପ୍ରକାଶ କରିନାହାନ୍ତି । ଏହି ସମୟରେ, ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକର ଗାଲିବାଫ୍ ଆମେରିକାର ଏହି ପ୍ରତିବନ୍ଧକର ଚେତାବନୀକୁ ଖାଲି ଧମକ ବୋଲି କହି ଖଣ୍ଡନ କରିଛନ୍ତି । ସେ ଏହାକୁ ୱାସିଂଟନର ବାହାସ୍ଫୋଟ ବୋଲି କହିଛନ୍ତି । ସେ ଦାବି କରିଛନ୍ତି ଯେ ଇରାନର ବାଣିଜ୍ୟିକ ଅଂଶୀଦାରମାନେ କେବେବି ଏହି ବେଆଇନ ପ୍ରତିବନ୍ଧକଗୁଡ଼ିକୁ ପାଳନ କରିବେ ନାହିଁ । ଗାଲିବାଫ୍ କହିଛନ୍ତି, ବିଶ୍ୱର ଦେଶଗୁଡ଼ିକ ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇବେ ନାହିଁ । ଇରାନ ସହିତ ସେମାନଙ୍କର ପାରମ୍ପରିକ ଆର୍ଥିକ ସମ୍ପର୍କ ପୂର୍ବ ପରି ସୁଦୃଢ଼ ରହିବ । ତେବେ ବୃଦ୍ଧି ପାଉଥିବା କୂଟନୈତିକ ଏବଂ ଆର୍ଥିକ ଉତ୍ତେଜନା ବିଶ୍ୱ ବଜାର ଏବଂ ବିଶେଷକରି ଅନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟକୁ ପ୍ରଭାବିତ କରିପାରେ ।

## ନିମ୍ନମାନର ଖାଦ୍ୟ ଓ ଅସ୍ୱାସ୍ଥ୍ୟକର ପରିବେଶ :

# ୩ ହୋଟେଲ ସିଲ୍ କଲା ପ୍ରଶାସନ




ଜଗତସିଂହପୁର,୨୫/୮(ନି/ପ୍ର): ନିମ୍ନମାନର ଖାଦ୍ୟ, ବାସୀ ଖାଦ୍ୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ତିଆରି ଅଭିଯୋଗରେ ଜଗତସିଂହପୁର ସହରର ୩ ହୋଟେଲ ଏବଂ ଜଳଖିଆ ଦୋକାନକୁ ସିଲ୍ କଲା ପ୍ରଶାସନ । ସେଗୁଡିକ ହେଲା ଡାକବଙ୍ଗଳା ଛକରେ ଥିବା ବିଶ୍ୱନାଥ କ୍ୟାଣ୍ଟିନ, ନାଳ ଅପରପାର୍ଶ୍ୱରେ ଥିବା ସ୍ୱାଦ ଓ ଥାନା ଛକରେ ଥିବା ମହାଦେବ କ୍ୟାଣ୍ଟିନକୁ ସିଲ୍ କରାଯାଇଛି । ଏଥି ସହିତ ବିଶ୍ୱନାଥ କ୍ୟାଣ୍ଟିନକୁ ୫୦ ହଜାର ଟଙ୍କା, ମହାଦେବ କ୍ୟାଣ୍ଟିନକୁ ୨୬ ହଜାର ଟଙ୍କା ଜରିମାନା କରାଯାଇଛି । ସେହିପରି ସ୍ୱାଦ ହୋଟେଲକୁ ମଧ୍ୟ ଜରିମାନା କରା ଯାଇଥିବା ସୂଚନା ମିଳିଛି । ଜରିମାନା ଅର୍ଥ ପୌର ଦପ୍ତରରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ ଜେ. ସୋନାଲଙ୍କ ନେତୃତ୍ୱରେ ଏସପି ଅଙ୍କିତ ବର୍ମା, ପୌର ଅଧିକାରୀ ଚଢଉରେ ସାମିଲ ଥିଲେ ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ଯୁବ କଂଗ୍ରେସ ପକ୍ଷରୁ ଛାତ୍ର କି ଗୁଞ୍ଜ କାର୍ଯ୍ୟକ୍ରମ




କେନ୍ଦୁଝର,୨୫/୮(ନି/ପ୍ର): ସାରା ଦେଶରେ ଯୁବ ମାନସର ପ୍ରତୀକ, ବିରୋଧ ଦଳର ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସହିତ ବର୍ତ୍ତମାନ ଛାତ୍ର ଓ ଛାତ୍ରୀମାନଙ୍କ ମଧ୍ୟରେ ଭାବ ବିନିମୟ କାର୍ଯ୍ୟକ୍ରମ ଛାତ୍ର କି ଗୁଞ୍ଜ ।ଏହି କାର୍ଯ୍ୟକ୍ରମ ଏତେ ଲୋକପ୍ରିୟ ହୋଇପାରିଛି ଯେ ଦେଶରେ ସବୁଆଡେ ଚର୍ଚ୍ଚା ହେଉଛି । ଗତକାଲି ସନ୍ଧ୍ୟାରେ ସ୍ଥାନୀୟ କଂଗ୍ରେସ ଭବନ ଠାରେ କେନ୍ଦୁଝର ଜ଼ିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଗତକାଲି ରାହୁଲ ଗାନ୍ଧୀଙ୍କ ମହାରାଷ୍ଟ୍ରର ପୁନେରେ ଛାତ୍ର କି ଗୁଞ୍ଜ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଟିଭି ମାଧମରେ କଂଗ୍ରେସ ନେତା ମାନେ ଦେଖିଥିଲେ କ୍ଷ ଜ଼ିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଏହାକୁ ପରିଚାଳନା କରିଥିଲେ । ଏଥିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜ଼ିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜ଼ିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜ଼ିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜ଼ିଲ୍ଲା ଓବିସି କଂଗ୍ରେସ ସଭାପତି ଯଦୁମଣି ବାରିକ, ଜ଼ିଲ୍ଲା ଦଳିତ କଂଗ୍ରେସ ସଭାପତି ରଶ୍ମିରଞ୍ଜନ ଜେନା, ଜ଼ିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ସୁରଥ ସାହୁ, ସାଧାରଣ ସମ୍ପାଦକ ସୁଜଳ ସେଠି, ଦୀନେଶ ରାଉତ, ନିର୍ମଳ ନାଏକ, ରତ୍ନାକର ଜେନା, ସବିତା ସାହୁ, ସୋନାଲି ମାର୍ଣ୍ଡି, ରଘୁନାଥ ପାତ୍ର, ପ୍ରଦୀପ ଦାସ, ଚିନ୍ମରଞ୍ଜନ ରାଉତ, ପୂର୍ଣ୍ଣଚନ୍ଦ୍ର ଦାସ, ବ୍ଲକ ସଭାପତି ସୁବ୍ରତ ନାୟକ, ରମେଶ ବାରିକ, ସନ୍ତୋଷ ସାମଲ,ଚନ୍ଦ୍ରବୀର ମହାନ୍ତ, ଅମିତ କୁମାର ମହାନ୍ତ, ରାମଚନ୍ଦ୍ର ମହାରଣା, ଗୋବିନ୍ଦ ମହାନ୍ତ, ହାଡିବନ୍ଧୁ ଖୁଣ୍ଟିଆ, ସୁବ୍ରତ ପ୍ରଧାନ, ସୁଭାଷ ପ୍ରଧାନ ଏବଂ ଯୁବ କଂଗ୍ରେସ ନେତା ସନତ ପାଢ଼ୀ, ଅଭିନାଶ ଓଝା, ଆନନ୍ଦ ମାଝୀ, ବ୍ୟାସଦେବ ବେହେରା, ସୁନୀଲ ମୁଣ୍ଡା, ଅମିତ ରାଉତ,ସଂଗ୍ରାମ ବେହେରା ଓ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟୁତ ଆଘାତରେ ନାବାଳକର ମୃତ୍ୟୁ

ଗଞ୍ଜାମ,୨୫/୮(ନି/ପ୍ର): ବିଦ୍ୟୁତ ଆଘାତରେ ନାବାଳକର ମୃତ୍ୟୁ ଘଟିଛି । ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କୈରାସୀ ଗ୍ରାମରେ ଘଟିଛି ଅଘଟଣ । ମୃତ ନାବାଳକ ଜଣକ ହେଲେ ପକ୍ଷୀରାଜ ସାହିର ବିସ୍ମୟ ନାୟକ । ବିସ୍ମୟ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ । ବିସ୍ମୟ ଶନିବାର ରାତିରେ ନିଜ ଘରେ ଏକ ସାଇନ୍ସ ପ୍ରୋଜେକ୍ଟ (ବିଜ୍ଞାନ ପ୍ରକଳ୍ପ) କରୁଥିଲେ ଆଉ ସେଥିରେ ବିଦ୍ୟୁତ ସାହାଯ୍ୟରେ ପରୀକ୍ଷା ନିରୀକ୍ଷା କରୁଥିବା ବେଳେ ହଠାତ୍ ବିଦ୍ୟୁତ ଆଘାତରେ ଆହତ ହୋଇ ତଳେ ପଡ଼ିଯାଇଥିଲେ । ପରିବାର ଲୋକ ତାଙ୍କୁ ତୁରନ୍ତ ଏକ ଅଟୋ ଯୋଗେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକରିଥିଲେ । କିନ୍ତୁ ସେଠାରେ ଡାକ୍ତର ବିସ୍ମୟଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ କରୁଛି । ଅନ୍ୟପକ୍ଷରେ ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ପିନାକୀଙ୍କ ମୃଗନାଭି  ଲୋକାର୍ପିତ




କେନ୍ଦୁଝର,୨୫/୮(ନି/ପ୍ର): ଆଜି ଏକ ବର୍ଷଣମୁଖର ପୂର୍ବାହ୍ନ ରେ କେନ୍ଦୁଝର ସଦର ମହକୁମା ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଅନେକ ସାହିତ୍ୟିକ ,ବୁଦ୍ଧିଜୀବୀ ଲେଖକ ପାଠକଙ୍କ ଉପସ୍ଥିତି ରେ ତରୁଣ ପ୍ରଖ୍ୟାତ କବି ପିନାକୀ ମିଶ୍ରଙ୍କ ନବମ କବିତା ଗୁଚ୍ଛ 'ମୃଗନାଭି ' ଲୋକାର୍ପିତ ହୋଇ ଯାଇଛି , କବିପ୍ରାଣ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥ୍ୟଭାବେ ଯୋଗ ଦେଇକବିତା ଗୁଚ୍ଛ କୁ ଲୋକର୍ପଣ କରିଥିଲେ ,ଅବସରପ୍ରାପ୍ତ ବରିଷ୍ଠ ପ୍ରାଧାପକ ଡକ୍ଟର ସୁଧା ଦାଶ ସଭାପତିତ୍ୱ କରିଥିବାବେଳେ ସାମ୍ବାଦିକ ଦେବାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ,ପ୍ରାରମ୍ଭ ରେ ଦେବୀ ସରସ୍ୱତୀ ,ଭାରତମାତାଙ୍କୁ ପୁଷ୍ପରଘ୍ୟ ପ୍ରଦାନ କରି ଶ୍ରୀମାଅରବିନ୍ଦ ଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା ,ମିଳନୀ ସାହିତ୍ୟ ସାଂସଦ ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀ ପୁସ୍ତକ ସମୀକ୍ଷା କରିଥିଲେ , ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ମହାସରସ୍ୱତୀ ମିଶ୍ର , ଅଧ୍ୟାପକ ସୁମନ୍ତନାଏକ ,ଙ୍କ ସମେତ ଅନେକ ଗୁଣୀ ସାହିତ୍ୟିକ କବି କବିତା ଗୁଚ୍ଛପଥ କରି ଅଜସ୍ର ପ୍ରଶଂସା କରିଥିଲେ ,ଦେବଦର୍ଶନ ଦାଶ ଅତିଥି ମାନଙ୍କୁ ଉନ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ,କବି ପିନାକୀ ଏକାଧାର ରେ ଜଣେ କବି ,ଶିକ୍ଷକ ,ସାହିତ୍ୟ ଏକାଡ଼େମୀ ର ପୂର୍ବତନ ସଦସ୍ୟ ଭବେ ଅନେକ ସୁଖ୍ୟାତି ର ଅଧିକାରୀ ହୋଇପାରିଛନ୍ତି ।

# ମା ଭଦ୍ରକାଳୀ ସାପ୍ତାହିକ ବେଦପାଠଶାଳା ଉଦ୍‌ଘାଟିତ

ଭଦ୍ରକ, ୨୫/୮(ନି/ପ୍ର): ପବିତ୍ର ଭଦ୍ରକାଳୀ ପୀଠରେ ରିବିବାସରୀୟ ବେଦପାଠଶାଳା ଓଡ଼ିଶା ବ୍ରାହ୍ମଣ ମହାସଂଘ ଆନୁକୂଲ୍ୟରେ ଜିଲ୍ଲା ସଭାପତି ଆଚାର୍ଯ୍ୟ ଚିନ୍ମୟ ମହାରାଜଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି । ବିଶିଷ୍ଟ ସମାଜସେବା ଓ ମାତୃଭକ୍ତ  ଅଶୋକ କୁମାର ପୁହାଣ ହିନ୍ଦୁଧର୍ମ ଓ ରାଷ୍ଟ୍ରର ସୁରକ୍ଷା ପାଇଁ ବ୍ରାହ୍ମଣମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଅବଦାନ ସଂପର୍କରେ ସୂଚନା ଦେଇ ବେଦପାଠଶାଳାର ପରିଚାଳନା ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲା । କରମଳା ଆଶ୍ରମର ସ୍ୱାମିଜୀ ପୂଜ୍ୟ ନୀଳାମ୍ବର ଦାସ ମହାରାଜ ଉଦ୍‌ଘାଟନୀ ଭାଷଣରେ ହଜାରେ ବର୍ଷର ପରାଧୀନତା ଯୋଗୁଁ ଭାରତରେ ସୃଷ୍ଟି ହୋଇଥିବା ଜାତିଗତ ବିଭେଦକୁ ବ୍ରାହ୍ମଣମାନେ ଦୂରକରିପାରିବେ ବୋଲି କହିଥିଲେ । ବ୍ରାହ୍ମଣ ମହାସଂଘର ରାଜ୍ୟ ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ବେଦବିଦ୍ୟାର ମହତ୍ୱ ଏବଂ କେନ୍ଦୁଝରର ଉପସଭାପତି ପଣ୍ଡିତ ମଧୁସୂଦନ ମିଶ୍ର ବେଦପାଠଶାଳାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, ଶ୍ରୀକୃଷ୍ଣ ପ୍ରସାଦ ଦୀକ୍ଷିତ, ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର, ଗୀତାଚାର୍ଯ୍ୟ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ଏଡ୍‌ଭୋକେଟ୍ ଭରତ ଚନ୍ଦ୍ର ମିଶ୍ର, ଭଗବାନ୍ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ଯୋଗାଚାର୍ଯ୍ୟ ରାଜେନ୍ଦ୍ର ନାରାୟଣ ପାଢ଼ୀ, ମନ୍ଦରଧର ଦୀକ୍ଷିତ ପ୍ରମୁଖ ବ୍ରାହ୍ମଣ ସଂଗଠନ, ବେଦପାଠ ପରଂପରା ଓ ଭଦ୍ରକାଳୀପୀଠ ସଂପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ବେଦପାଠ ପରେ  ଉପସଭାପତି  ବିଭୂତି ନାରାୟଣ ତ୍ରିପାଠୀ ସ୍ୱାଗତ କରିବା ପରେ ମହାସଂଘର ରାଜ୍ୟ ସଭାପତି ଡ଼କ୍ଟର ସଦାନନ୍ଦ ଦୀକ୍ଷିତ ବରପଦା ଠାରେ ପ୍ରତିଷ୍ଠିତ ବୈଦିକ ବିଦ୍ୟାପୀଠମ୍‌ର ଏକ ସାପ୍ତାହିକ ଶାଖା ଭାବରେ ମା'ଭଦ୍ରକାଳୀ ପୀଠରେ ବେଦପାଠଶାଳା ପ୍ରତି ରବିବାରରେ ସଂଚାଳିତ ହେବାର ସୂଚନା ଦେଇ ଉପଯୁକ୍ତ ବିଜ୍ଞ ବ୍ରାହ୍ମଣମାନଙ୍କୁ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ । ଶେଷରେ ବେଦାଚାର୍ଯ୍ୟ ସଂଜୟ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିବା ପରେ ପ୍ରସାଦସେବନ କରାଯାଇଥିଲା ।

# ଜନସେବା ଏକ ପ୍ରତିବଦ୍ଧତା-ମନ୍ତ୍ରୀ ରବି ନାଏକ, ଧୂଷୁରୀରେ ମେଗା ସ୍ୱାସ୍ଥ୍ୟ ଶିବିର, ୧୪୭୦ ରୋଗୀ ଚିକିତ୍ସିତ

ଭଦ୍ରକ, ୨୫/୮(ନି/ପ୍ର): ଏହି ଜିଲାର ଧାମନଗର ବିଧାନସଭା କ୍ଷେତ୍ରର ଧୂଷୁରୀ ଏନଏସିସ୍ଥିତ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି । ପଂଚାୟତରାଜ୍ ପାନୀୟ ଜଳ ଓ ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଏହାକୁ ଉଦଘାଟନ କରିଥିଲେ ।ମନ୍ତ୍ରୀ ଶ୍ରୀ ନାଏକ କହିଲେ ଯେ ଆମେ ଗଣମାଧମରୁ ଧାମନଗର ଅଂଚଳର ବନ୍ୟା ଖବର ପଢ଼ିଥାଉ,କିନ୍ତୁ ଆଜି ନିଜ ଆଖିରେ ଭଦ୍ରକ ତିହିଡି ଧାମନଗର ଏବଂ ଚାନ୍ଦବାଲି ଅଂଚଳର ବନ୍ୟାର ବାସ୍ତବତା ଦେଖିଲି ।ଏଭଳି ସ୍ଥିତିରେ ଲୋକଙ୍କ ନିକଟରେ ଛିଡା ହେବା ସହ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସ୍ଥାନୀୟ ବିଧାୟକ ତଥା ଯୁବ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସେବା ମନସ୍କତା ଓ ପ୍ରତିବଦ୍ଧତାକୁ ଦର୍ଶାଇଛି ।ରାଜ୍ୟ ସରକାର ସମସ୍ତ ମୌଳିକ ସେବା ପ୍ରଦାନ ଦିଗରେ ଯତ୍ନବାନ ଥିବା ମନ୍ତ୍ରୀ ଶ୍ରୀ ନାଏକ ମତବ୍ୟକ୍ତ କରିଥିଲେ । ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ ଯେ ବନ୍ୟା ପରବର୍ତ୍ତୀ କାଳରେ ବିଭିନ୍ନ ରୋଗ ବ୍ୟାପିବା ଆଶଙ୍କା ଥିବାରୁ ଆମେ ସ୍ୱାସ୍ଥ୍ୟ ସେବା ପ୍ରତି ଗୁରୁତ୍ୱ ଦେଇଛୁ ଏବଂ କ୍ରମାଗତ ଚାରି ଦିନରେ ତିହିଡି ଧୂଷୁରୀ ଏବଂ ଦୋବଲ ଅଂଚଳ ସହିତ ପଡୋଶୀ ଯାଜପୁର ଜିଲ୍ଲାରେ ମଧ ଏପ୍ରକାର ପଦକ୍ଷେପ ନିଆଯାଇଛି ।ପ୍ରାକ୍ତନ ସରପଂଚ ଅନିରୁଦ୍ଧ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ସଭାରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ସିଡ଼ିଏମଓ ପ୍ରମୋଦ ପ୍ରହରାଜ ହାଇଟେକ ମେଡ଼ିକାଲ କଲେଜର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଂଜନ ପଣ୍ଡା ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।ସମାଜସେବୀ ଚତୁର୍ଭୂଜ ନାୟକ ଉଦେଶ୍ୟ ଜ୍ଞାପନ ସ୍ୱାଗତ ବକ୍ତବ୍ୟ ରଖିଥିଲେ ।ସାହିତ୍ୟିକ ରାମଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଦୁଇ ମନ୍ତ୍ରୀଙ୍କ ସମେତ ଜିଲ୍ଲାପାଳ ଶିବିର ବୁଲି ରୋଗୀମାନଙ୍କୁ ଦିଆଯାଉଥିବା ସେବା ଓ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ । ହାଇଟେକ ମେଡ଼ିକାଲ କଲେଜ ସହଯୋଗରେ ଶିବିରରେ ୧୬ଟି ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀମାନଙ୍କ ବିଭିନ୍ନ ରୋଗର ପରୀକ୍ଷା କରିବା ସହ ଆବଶ୍ୟକ ଚିକିତ୍ସା ଓ ପରାମର୍ଶ ପ୍ରଦାନ କରିଥିଲେ ।ରୋଗୀଙ୍କୁ ନିଶୁଳ୍କ ଔଷଧ ପ୍ରଦାନ କରାଯାଇଥିଲା ।ଏକଦିବାସୀୟ ସ୍ୱାସ୍ଥ୍ୟ ଶିବିରରେ ୧୪୭୦ ଜଣ ରୋଗୀ ପଞ୍ଜିକୃତ ହୋଇଥିଲା ବେଳେ ୩୫ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହୋଇଥିଲେ । ବରିଷ୍ଠ ନେତା ଅଶୋକ ପୁହାଣ,ମନୋରଞ୍ଜନ ମଲ୍ଲିକ,କାହ୍ନୁ ଚରଣ ପଣ୍ଡା,ଅନ୍ତର୍ଯ୍ୟାମୀ ପତି,ଅରବିନ୍ଦ ପତି,କୈଳାସ ମହାପାତ୍ର,ବୈକୁଣ୍ଠ ସାହୁ, ମନୋଜ ଦାସ, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ,କ୍ଷୀରୋଦ ଧଳ ପ୍ରମୁଖ ପରିଚାଳନା କରିଥିଲେ । ବନ୍ୟା ପରବର୍ତ୍ତୀ ସମୟରେ ଏଭଳି ମାଗଣା ଚିକିତ୍ସା ଶିବିର ଆୟୋଜନ ହୋଇଥିବାରୁ ସ୍ଥାନୀୟ ଅଂଚଳବାସୀ ଖୁସି ପ୍ରକାଶ କରିଛନ୍ତି ।

# ସର୍ବଭାରତୀୟ ଶ୍ରମିକନେତା ପ୍ରତାପ ପଣ୍ଡାଙ୍କ ୧୫ତମ ଶ୍ରାଦ୍ଧୋତ୍ସବ

ଭଦ୍ରକ, ୨୫/୮(ନି/ପ୍ର): ସର୍ବଭାରତୀୟ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଟାଉନହଲରେ ଆଜି ପାଳନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ, ପରିବାର ଓ ଜନକଲ୍ୟାଣ ମନ୍ତ୍ରୀ ମୁକଶେ ମହାଲିଙ୍ଗ ମୁଖ୍ୟ ଅତିଥି ଏବଂ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତାପ ପଣ୍ଡାଙ୍କ ଭଳି ନିର୍ଭିକ ଶ୍ରମିକ ନେତା ସମଗ୍ର ଭାରତ ବର୍ଷରେ ବିରଳ ବୋଲି କହିଥିଲେ । ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଯୋଗଦାନ କରିଥିଲେ । ଅନ୍ୟତମ ଅତିଥ ଭାବେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭାରତୀୟ ମଜଦୂର ସଂଘର ରାଜ୍ୟ ସଂଗଠନ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗ ଦେଇଥିଲେ । ବିଜୟ ମିଶ୍ରଙ୍କ ସଂଚାଳନରେ ସଭା ଅନୁଷ୍ଠିତ ହୋଇଥିଲା । ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଗତ ୮ ତାରିଖଠାରୁ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଥିଲା । ବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା କରାଯାଇ ସେମାନଙ୍କୁ ଏହି ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁବନେତା ସୁରେଶ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭାରତୀୟ ମଜଦୂର ସଂଘ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାଇସ୍ମିତା ମହାନ୍ତି ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବି.କେ. ଷ୍ଟିଲ୍, ଖୁଂଟୁଣୀ, ଡସିଏଲ୍, ଓରିକ୍ଲିନ୍, ଆର୍ଏସ୍ପି, ଧାମରା ବନ୍ଦର କର୍ମଚାରୀ ସଂଘ, ଅଲ୍ ଓଡ଼ିଶା ମେଡ଼ିକାଲ କର୍ମଚାରୀ ସଂଘ, ଆଶାକର୍ମୀ ସଂଘ, ଅଲ୍ ଓଡ଼ିଶା ଅଙ୍ଗନ୍ୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ୍, ପାଚିକା ସଂଘ, ସିଆର୍ପି ର କର୍ମକର୍ତ୍ତା ମାନେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଶାନ୍ତନୁ ମହାପାତ୍ର, ମୁକ୍ତିକାନ୍ତ ସାହୁ, ଅରୁଣୋଦୟ ଖିଲାର, ହିମାଂଶୁ ନାୟକ, ପ୍ରତାପ ପଣ୍ଡଙ୍କ ପତ୍ନୀ ସଞ୍ଜୁଲତା ଦାଶ, ବିକାଶ ସାମଲ, ରାମଚନ୍ଦ୍ର ରାଉତ ସରପଂଚ ଅମୂଲ୍ୟ ନାୟକ, ସନ୍ଧ୍ୟାରାଣୀ ପହି, ଜ୍ୟୋତିପ୍ରକାଶ ଦାସ, ରବି ସାହୁ, ରାଜୀବ ସମାଲ, ରାକେଶ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, କମଳାକାନ୍ତ ସାହୁ, ବିପ୍ର ସେଠୀ, ବିଶ୍ୱନାଥ ଜେନା, ଅଶୋକ ନାୟକ, କୌଶଲ୍ୟା ରାଉତ, ଲକ୍ଷ୍ମୀପ୍ରିୟା ପାତ୍ର, ରେଶ୍ମା ଖାତୁନ, ସିନ୍ଧୁଲତା ସାମଲ, ସ୍ୱର୍ଣ୍ଣଲତା ବେହେରା, ଦ୍ରୌପଦୀ ସାହୁ, ନିରୂପମା ପତ୍ରୀ, ସ୍ୱର୍ଣ୍ଣଲତା ମଲ୍ଲିକ, ସସ୍ମିତା ନାୟକ, ସୁଜତା ଦାସ, ସୁଭଦ୍ରା ପାତ୍ର ଶକୁନ୍ତଳା ସାମଲ, ମିନତୀ ପଣ୍ଡା, ବିଭୂତି ଭୂଷଣ ପାଣିଗ୍ରାହୀ, ପ୍ରିୟନାଥ ଧଳ, ବରଦା ପ୍ରସନ୍ନ ସମାଲ, ପ୍ରଶାନ୍ତ ମିଶ୍ର, ସଞ୍ଜୟ ମହାନ୍ତି, ତପନ ପଣ୍ଡା, ମନୋଜ ପାତ୍ର, ସୁଶାନ୍ତ ନାୟକ, ରବୀନ୍ଦ୍ର ଦେଓ, ଉମାକାନ୍ତ ଦାସ, ଚନ୍ଦ୍ରଶେଖର ଜେନା, ମନୋଜ ଲେଙ୍କା, ବିଜୟ ପ୍ରତାପ ଜେନା, ଲକ୍ଷ୍ମଣ ମହାକୁଡ଼ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ ପ୍ରତିଭା ସମ୍ମାନରେ ବସନ୍ତ କୁମାର ସାହୁ, ରାଜେନ୍ଦ୍ର ମହାନ୍ତି, ନୃସିଂହ ସାହୁ, ନିରଞ୍ଜନ ସ୍ୱାଇଁ, ଇଂ ସୁବ୍ରତ ମହାପାତ୍ର, ମିନତୀ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ପୂର୍ବାହ୍ନରେ ବିଷ୍ଣୁପୁର ଛକଠାରେ ରାଜ୍ୟ ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ପ୍ରତାପ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେଶନାଥ ଧଳ, ଯୋଗେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଟଂ ଜଙ୍ଗଲରୁ ନର କଙ୍କାଳ ଉଦ୍ଧାର ଘଟଣା : ଶବ ଚିହ୍ନଟ ପାଇଁ ଡିଏନ୍ଏ ରିପୋର୍ଟକୁ ଅପେକ୍ଷା




ରଣପୁର,୨୫/୮(ନି/ପ୍ର): ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ୧୬ ନମ୍ବର ଜାତୀୟ ରାଜପଥକଡ଼ ଚମ୍ପାଗଡ଼, କନ୍ଧନୟାଗଡ ଓ ଚାନ୍ଦପୁର ଗ୍ରାମ ପଚାଂୟତ ଅଂଚଳରେ ପୂର୍ବରୁ ବହୁ ସମୟରେ ଅନେକ ନର କଙ୍କାଳ ମିଳିଥିଲା । ନର କଙ୍କାଳର ପରିଚୟ ଖୋଜୁଖୋଜୁ ତଦନ୍ତ ଅଟକି ଯାଏ । ହତ୍ୟା ହୋଇଥିଲେ ବି ଅପମୃତ୍ୟୁ ମାମଲାରେ ରହିଯାଏ । ଏବେ ସେଭଳି ଗତ ଅଗଷ୍ଟ ୧୯ ତାରିଖରେ କିଛି ସ୍ଥାନୀୟ ଲୋକଙ୍କ ଠାରୁ ଚାନ୍ଦପୁର ପୁଲିସ ବେଟଂ ଜଙ୍ଗଲ ନାଳରେ ଏକ ଗଳିତ ନର କଙ୍କାଳ ଶବ ପଡିଥିବାର ଖବର ପାଇଥିଲା । ପୁଲିସ ନରକଙ୍କାଳ ଉଦ୍ଧାର କରିଛି । ଡିଏନ୍ଏ ପରୀକ୍ଷା ପାଇଁ ପଠାଇଛି । ରିପୋର୍ଟକୁ ଅପେକ୍ଷା କରାଯାଇଛି ଯେ, ଶବ କାହାର ? ଘଟଣା ଦିନ ଜଙ୍ଗଲରେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ପୁଲିସ ପହଂଚିଥିଲେ ଓସ୍ତପଡ଼ା ଗ୍ରାମର ପାଣୁ ସାହୁ । କିଛି ଲୋକ ପାଣୁଙ୍କ ମାନସିକ ବିକୃତ ମଦୁଆ ପୁଅ କାଳିଆ ବୋଲି ଚିହ୍ନଟ କରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଚାନ୍ଦପୁର ଥାନା ଅପମୃତ୍ୟୁ ମାମଲା ରୁଜୁ କରି ଦାୟିତ୍ୱ ଉପନିରୀକ୍ଷକ ସଂଗୀତା ବେଶ୍ରାଙ୍କୁ ଦେଇ ଶବ ଜବତ କରି ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଶବ ଗଳିତ ହୋଇଥିବାରୁ ପଚଯନାମା ପାଇଁ ରାଜ୍ୟ ଅପରାଧ ବିଧି ବିଜ୍ଞାନଗାରକୁ ପଠାଇଛି । କିନ୍ତୁ ନିୟମ ଅନୁଯାଇ ଶବ ସାଙ୍ଗରେ କେହି ଜଣେ ପରିବାର ଲୋକେ ଯିବା କଥା । ଏହି ସମୟରେ ଶବ ଦାବି କରୁଥିବା ପାଣୁ ତାଙ୍କ ପରିବାର ଶବ ତାଙ୍କ ପୁଅର ନୁହେଁ ବୋଲି କହି ସାଙ୍ଗରେ ଯାଇନଥିଲେ ।  ପୁଲିସ ଶବ ବ୍ୟବଚ୍ଛେଦ କରି ନର କଙ୍କାଳକୁ ସରକ୍ଷିତ ରଖିଥିଲେ । ଯାଜପୁର ଟାଉନ ଥାନା, ପୋଷ୍ଟ ଲାଲବାଗ, ଗ୍ରାମ ଗୋପାଳପୁରର ରାଜେନ୍ଦ୍ର କିଶୋର ମହାପାତ୍ର ଚାନ୍ଦପୁର ଥାନାରେ ପହଂଚି ଅଭିଯୋଗ କରିଥିଲେ ତାଙ୍କ ପୁଅ ଦିବ୍ୟ କିଶୋର ମହାପାତ୍ର (୨୨) ବେଟଂସ୍ଥିତ ଶ୍ରୀରଙ୍ଗମ ଚିଙ୍ଗୁଡ଼ି କମ୍ପାନିରେ ଏକ ଠିକାଦାର ମାଧ୍ୟମରେ କାର୍ଯ୍ୟ କରୁଥିଲେ । ଅଗଷ୍ଟ ୯ ତାରିଖରୁ ପୁଅ ସହ ଯୋଗାଯୋଗ ନହେବାରୁ ବେଟଂ ଚିଙ୍ଗୁଡ଼ି କମ୍ପାନିକୁ ଆସି ପାରାରିବାରେ କମ୍ପାନି କର୍ତ୍ତୃପକ୍ଷ କହିଲେ ତୁମ ପୁଅ ୫ ଦିନ ହେଲା ଫେରାର ହୋଇ ଯାଇଛି । ଥାନାରେ ଅଭିଯୋଗ କରିନଥିବା କହିଥିଲେ । ତେଣୁ ରାଜେନ୍ଦ୍ର ଚାନ୍ଦପୁର ଥାନାକୁ ଯାଇ ପୁଅର ନିଖୋଜ ସମ୍ପର୍କେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ବେଟଂ ଠାରୁ ଜବତ ନର କଙ୍କାଳର ଡ୍ରେସ, ବେକ ମାଳି ଓ ବ୍ରାସିଲେଟ ଦେଖାଇବାରୁ ତାଙ୍କ ପୁଅ ଦିବ୍ୟର ବୋଲି ଚିହ୍ନଟ କରିଥିଲେ । କିନ୍ତୁ ପୁଲିସ ନର କଙ୍କାଳ ଚିହ୍ନଟ ପାଇଁ ପାଣୁ ପରିବାର ଓ ରାଜେନ୍ଦ୍ର ପରିବାର ରକ୍ତ ନମୁନା ଡିଏନ୍ଏ ଟେଷ୍ଟ ପାଇଁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଂଗ୍ରହ କରି ଏସ୍ଏଫ୍ଏସ୍ଏଲ୍ ପଠାଇଥିବା ନେଇ ଶରଣକୁଳ ପୁଲିସ ଉପ ଖଣ୍ଡିୟ ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନ ନିଜ କାର୍ଯ୍ୟାଳୟରେ ଅଗଷ୍ଟ ୨୩ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଥିବା ଜଣାପଡ଼ିଛି । ଅପରପକ୍ଷେ ନର କଙ୍କାଳ ତାଙ୍କ ପୁଅର ବୋଲି ଦାବି କରୁଥିବା ରାଜେନ୍ଦ୍ର କୁହନ୍ତି ଚିଙ୍ଗୁଡ଼ି କମ୍ପାନିରେ ତାଙ୍କ ପୁଅର ହତ୍ୟାକାଣ୍ଡ ରହିଛି । ତାଙ୍କ ପୁଅ ଦିବ୍ୟର ୪୦ ହଜାର ଟଙ୍କାର ଚୋରି ହୋଇଥିବା ମୋବାଇଲ ହତ୍ୟାକାଣ୍ଡ ଉନ୍ମୋଚନ କରିବ । ମୋବାଇଲ ପାଇଁ ତାଙ୍କ ପୁଅକୁ ମାରି ଫିଙ୍ଗିଦେଇଥିବା କହିଛନ୍ତି । ଶରଣକୁଳ ଉପ ଖଣ୍ଡିୟ ପୁଲିସ ଅଧିକାରୀ କୁହନ୍ତି ମୋବାଇଲ ଚୋରି ଘଟଣା ତଦନ୍ତ ପରିସର ଭୁକ୍ତ ରହିଛି ।

# ଦୋକାନ ଭିତରୁ ମାଲିକାଣୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

କେନ୍ଦୁଝର,୨୫/୮(ନି/ପ୍ର):କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ଘୁଟୁରୁରେ ଚାଂଚଲ୍ୟକର ଘଟଣା ଘଟିଛି । ଅର୍ଚ୍ଚନା ଟ୍ରେଡର୍ସ ଶୋରୁମ୍ ଭିତରୁ ମାଲିକାଣୀ ଅର୍ଚ୍ଚନା ପରିଡ଼ାଙ୍କ ମୃତଦେହ ଉଦ୍ଧାର ହୋଇଛି । ଆଜି ସକାଳେ ଅର୍ଚ୍ଚନାଙ୍କ ସ୍ୱାମୀ ଅଭିମନ୍ୟୁ ପରିଡ଼ା ଥାନାରେ ଖବର ଦେଇଥିଲେ ଯେ, ଦୋକାନ ଭିତରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି । ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିଛି । ୨୦୧୪ ମସିହାରେ ହାଣ୍ଡିଭଙ୍ଗା ଅଂଚଳର ଅଭିମନ୍ୟୁ ପରିଡ଼ାଙ୍କୁ ବିବାହ କରିଥିଲେ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଅଂଚଳର ଅର୍ଚ୍ଚନା ବାରିକଙ୍କୁ । ଉଭୟଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି । ଘୁଟୁରୁରେ ଅର୍ଚ୍ଚନା ଟ୍ରେଡର୍ସ ଓ ଶୁଭ ମଟର୍ସ ନାମରେ ସେମାନଙ୍କର ବ୍ୟବସାୟ ରହିଛି । ତେବେ ଅର୍ଚ୍ଚନାଙ୍କ ପରିବାର ପକ୍ଷରୁ ଆସିଛି ଗୁରୁତର ଅଭିଯୋଗ । ପରିବାରଲୋକଙ୍କ କହିବା ଅନୁସାରେ, ଅଭିମନ୍ୟୁ ନିୟମିତ ମଦ୍ୟପାନ କରି ଅର୍ଚ୍ଚନାଙ୍କୁ ମାରପିଟ କରୁଥିଲେ । ଏପରିକି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ମଧ ଦେଉଥିବା ଅଭିଯୋଗ ହୋଇଛି । ଅର୍ଚ୍ଚନା ଓ ଅଭିମନ୍ୟୁ ବଣିଆପାଟ ଅଂଚଳରେ ଏକ ଭଡ଼ା ଘରେ ରହୁଥିବା ପରିବାର ପକ୍ଷରୁ କୁହାଯାଇଛି । ତେବେ ଅର୍ଚ୍ଚନାଙ୍କୁ ସେଠାରେ ହତ୍ୟା କରି ତାଙ୍କ ମୃତଦେହ ଅର୍ଚ୍ଚନା ଟ୍ରେଡର୍ସ ଭିତରେ ଆଣି ରଖାଯାଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିବା ନେଇ ମଧ ସୂଚନା ରହିଛି । ତେବେ ଏହି ନୋଟ୍ରେ ସ୍ୱାମୀଙ୍କୁ ଦାୟୀ ନ କରିବାକୁ ଲେଖାଯାଇଥିବା ନେଇ ପରିବାର ପକ୍ଷରୁ ଆପତି ଉଠାଯାଇଛି । ନୋଟ୍ଟି ଅର୍ଚ୍ଚନା ନିଜେ ଲେଖିନାହାନ୍ତି, ବରଂ ତାଙ୍କୁ ହତ୍ୟା କରିବା ପରେ ତାଙ୍କ ସ୍ୱାମୀ ଏହା ଲେଖିଥିବା ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି । ଅର୍ଚ୍ଚନାଙ୍କ ମୁଣ୍ଡରେ ଆଘାତ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ନେଇ ମଧ ପରିବାର ପକ୍ଷରୁ ଦାବି କରାଯାଇଛି । ଏହାକୁ ନେଇ ହତ୍ୟା ସନ୍ଦେହ ଆହୁରି ଘନୀଭୂତ ହୋଇଛି ଓ ହାତ୍ୟାକାରୀ ସ୍ୱାମୀ କୁ କୋଠର ଦଣ୍ଡ ଦେବାକୁ ଦାବି କରିଛନ୍ତି । ଅନ୍ୟପଟେ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଘଟଣାର ସବୁ ଦିଗକୁ ନେଇ ତଦନ୍ତ ଜାରି ରହିଛି । ଅର୍ଚ୍ଚନାଙ୍କ ସ୍ୱାମୀ ଅଭିମନ୍ୟୁ ପରିଡ଼ାଙ୍କୁ ପୋଲିସ ଘଟଣା ସ୍ଥଳରୁ ନେବା ସମୟରେ ପ୍ରବଳ ଉତେଜନା ପ୍ରକାଶ ପାଇଥିଲା ଏପରିକି କିଛି ଲୋକ ତାଙ୍କୁ ଆକ୍ରମଣ କରିଥିଲେ , ପୋଲିସ୍ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି ।

## ବନ୍ୟାଂଚଳରେ ବୁଲି ବିପନ୍ନଙ୍କୁ ଭେଟିଲେ ଗ୍ରାମ୍ୟଉନ୍ନୟନ ଓ ଉଚ୍ଚଶିକ୍ଷା ମନ୍ତ୍ରୀ

ଭଦ୍ରକ,୨୫/୮(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ତଳଗୋପବିନ୍ଧା ପଂଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଗ୍ରାମ ବୁଲିବା ସହିତ ବିପନ୍ନଙ୍କୁ ଭେଟି ସମସ୍ୟା ବୁଝିଛନ୍ତି ଗ୍ରାମ୍ୟଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ  ସୂର୍ଯ୍ୟ ବଂଶୀ ସୁରଜ । ରବିବାର ପୂର୍ବାହ୍ନରେ ବନ୍ୟାଂଚଳ ବୁଲିବା ପରେ ତଳଗୋପବିନ୍ଧାସ୍ଥିତ ଐଶାନ୍ୟଚଣ୍ଡି ହାଇସ୍କୁଲ ପରିସରରେ ବନ୍ୟା ପରିସ୍ଥିତିକୁ ନେଇ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ନାୟକ  ଯୋଗଦେଇ ବନ୍ୟା ନିୟନ୍ତ୍ରଣ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀ ସୁରଜ ଯୋଗଦେଇ ବନ୍ୟା ପ୍ରଭାବିତ ପଂଚାୟତରେ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ ।ବନ୍ୟାଂଚଳର ବିଭିନ୍ନ ସ୍ଥାନରେ ଥିବା ନଦୀବନ୍ଧକୁ ସୁଦୃଢ଼ କରାଯିବ । ଯେପରି ନଦୀର ବନ୍ୟା ପାଣି ସ୍ରୋତରେ ବନ୍ଧ ଭାଙ୍ଗି ଘାଇ ସୃଷ୍ଟି ହେବ ନାହିଁ । ଏହାଛଡ଼ା ବିଭିନ୍ନ ରାସ୍ତାରେ ଥିବା ପୋଲକୁ ଉଚ୍ଚା କରାଯିବ ।  ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାସବୁକୁ ମରାମତି ଦିଗରେ ପଦକ୍ଷେପ ନିଆଯିବ ବୋଲି ବୈଠକରେ ମନ୍ତ୍ରୀ କହିଥିଲେ । ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ବିଡ଼ିଓ ନିରଞ୍ଜନ ବାରିକ, ସାଳନ୍ଦୀ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁ, ଉପଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା, କନିଷ୍ଠଯନ୍ତ୍ରୀ ପଦ୍ମପ୍ରିୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ତଳଗୋପବିନ୍ଧା ପଂଚାୟତରେ ମନ୍ତ୍ରୀ ନାୟକ ଓ ମନ୍ତ୍ରୀ ସୂରଜ ପହଂଚିବା ପରେ ମାତଗଜପୁର ଓ ହଟନଗର ଠାରେ ଠାରେନାଳିଆ ନଈରେ ଘାଇ ମରାମତି କାର୍ଯ୍ୟକୁ ଦେଖିଥିଲେ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

ବୁଧବାର ୨୬ ଅଗଷ୍ଟ ୨୦୨୬

## ରାଷ୍ଟ୍ର ଗୀତ ଓ ଦେଶପ୍ରେମ

ମୂଳ ଉଦ୍‌ବେଗଟି ହେଲା, ଆଲୋଚନା କାଳରେ ଏଭଳି ମତ ବିଭାଜନ କେବଳ ବୈଚାରିକ ସ୍ତରରେ ସୀମିତ ରହିବାର ଆଶା କ୍ଷୀଣ; କାରଣ ରାଜନୈତିକ ଉଚ୍ଚାଟ ଏହାକୁ ତୀବ୍ର କରିବ, ହୁଏତ ବ୍ୟକ୍ତିଗତ ଆକ୍ଷେପ ଓ କୁତ୍ସାକୁ ମଧ୍ୟ ଜନ୍ମ ଦେବ। କିନ୍ତୁ ଆଶା କରିବା ଯେ ଏହି କୋଳାହଳରେ 'ରାଷ୍ଟ୍ର ଗୀତ'ର ରଚୟିତା ବଙ୍କିମ ଚନ୍ଦ୍ର ଏବଂ ଜାତୀୟ ସଂଗୀତର କବି ରବୀନ୍ଦ୍ର ନାଥ ପରସ୍ପରର ପ୍ରତିପକ୍ଷ ରୂପେ ପ୍ରଦର୍ଶିତ ହେବେ ନାହିଁ। ଆମ ଦେଶର ରାଷ୍ଟ୍ର ଗୀତ 'ବନ୍ଦେ ମାତରମ'ର ମାନ ଓ ଗାୟନକୁ କେନ୍ଦ୍ର କରି ସରକାରଙ୍କ ପକ୍ଷରୁ ଅଣାଯାଇଥିବା ସଂଶୋଧିତ ଗାଇଡଲାଇନ ଇତିମଧ୍ୟରେ ତୁମୂଳ ରାଜନୈତିକ ଆରୋପ-ପ୍ରତ୍ୟାରୋପ ସୃଷ୍ଟି କରିଛି। ଯେଉଁ ଗୋଟିଏ ବିନ୍ଦୁକୁ ଘେନି ଏହି ବିବାଦ, ତାହା ହେଲା ନୂତନ ନିୟମାନୁସାରେ 'ବନ୍ଦେ ମାତରମ' ପଦ୍ୟର ସମୁଦାୟ ଛଅଟି ଯାକ ପଦ ଗାୟନ କରାଯିବା ବାଧ୍ୟତାମୂଳକ ହୋଇଥିବା ବେଳେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ତା'ର ଦଳୀୟ ସମାବେଶଗୁଡ଼ିକରେ 'ରାଷ୍ଟ୍ର ଗୀତ'ର କେବଳ ପ୍ରଥମ ଦୁଇଟି ପଦ ବୋଲାଯିବ। ସ୍ୱାଭାବିକ ଭାବେ ଏହି କାରଣରୁ ଶାସକ ଦଳ ବିଜେପି ପକ୍ଷରୁ କଂଗ୍ରେସକୁ ଦେଶଦ୍ରୋହୀ ବୋଲି ଲାଂଛନା ଜର୍ଜର କରାଯାଇଛି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଏହା ଏକ ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ, ଯାହା ସୂକ୍ଷ୍ମ ବିବେଚନାବୋଧ ଓ କୋମଳ ଦୃଷ୍ଟି ଲୋଡ଼ିଥାଏ, ଯେଉଁ ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ତେବେ, ପ୍ରାରମ୍ଭରେ, ନୂତନ ଗାଇଡଲାଇନ ସମ୍ବନ୍ଧରେ, ସଂକ୍ଷେପରେ, ଅବତାରଣା କରାଯାଉ। ପ୍ରଥମ ବିନ୍ଦୁଟି ହେଲା, ସରକାରୀ ଉତ୍ସବାନୁଷ୍ଠାନଗୁଡ଼ିକରେ 'ରାଷ୍ଟ୍ର ଗୀତ' ଏବଂ 'ଜାତୀୟ ସଂଗୀତ' (ଜନ ଗଣ ମନ) ଉଭୟଙ୍କୁ ବୋଲାଯିବା ପରିପ୍ରେକ୍ଷୀରେ ପ୍ରଥମେ 'ରାଷ୍ଟ୍ର ଗୀତ'ର ଗାୟନ କରାଯିବ, ଯହିଁରେ ପୂର୍ଣ୍ଣାଙ୍ଗ ପଦ୍ୟଟି ୩ ମିନିଟ ୧୦ ସେକେଣ୍ଡ ଅବଧି ମଧ୍ୟରେ ବୋଲାଯିବ। ଦ୍ୱିତୀୟରେ, 'ରାଷ୍ଟ୍ର ଗୀତ'ର ପରିବେଷଣ ସମୟରେ ସଂପୂର୍ଣ୍ଣ ନିରବତା ଅବଲମ୍ବନ ପୂର୍ବକ 'ସାବଧାନ ଭଙ୍ଗୀ'ରେ ଦଣ୍ଡାୟମାନ ରହିବାକୁ ହେବ; ଯହିଁରେ ଚଳଚ୍ଚିତ୍ର ପ୍ରେକ୍ଷାଳୟ ଭଳି ମୁଷ୍ଟିମେୟ ସ୍ଥାନକୁ ବ୍ୟତିକ୍ରମ ଭାବେ ଉଲ୍ଲେଖ କରାଯାଇଛି। ତୃତୀୟରେ, ବିଦ୍ୟାଳୟଗୁଡ଼ିକରେ ନିୟମିତ ଭାବେ 'ରାଷ୍ଟ୍ର ଗାନ' ଗାୟନର ବ୍ୟବସ୍ଥାକୁ ପ୍ରୋତ୍ସାହନ ଦିଆଯିବ। ଚତୁର୍ଥରେ 'ରାଷ୍ଟ୍ର ଗୀତ'ର ଗାୟନରେ ବାଧା ସୃଷ୍ଟିର ଉଦ୍ୟମକୁ ଆଇନ ଅନୁସାରେ ଦଣ୍ଡନୀୟ କରାଯିବ। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ, ଏହି ମହାନ ଗୀତ ଦେଢ଼ ଶହ ପୂରଣ କରୁଥିବା ବେଳେ, ତାହାକୁ ଅଧିକ ମର୍ଯ୍ୟାଦା ପ୍ରଦାନ କରିବା କଳ୍ପେ ନୂତନ ନିୟମାବଳୀର ଆବିର୍ଭାବ ସ୍ୱାଭାବିକ ଭଳି ମନେ ହୋଇଥାଏ। କହିବା ଅନାବଶ୍ୟକ ଯେ ସ୍ୱାଧୀନତା ସଂଗ୍ରାମ କାଳରେ 'ବନ୍ଦେ ମାତରମ'ର ମୁକ୍ତ କଣ୍ଠୀ ଗାୟନ କେବଳ ଯେ ଦେଶାତ୍ମବୋଧର ଅପୂର୍ବ ଉର୍ଜା, ପୁଲକ ଓ ରୋମାଂଚ ଯୋଗାଇଥିଲା, ତାହା ନୁହେଁ; ଏହାର କେବଳ ପ୍ରଥମ ଦୁଇଟି ଶବ୍ଦ ଅର୍ଥାତ୍ 'ବନ୍ଦେ ମାତରମ' ପରିଣତ ହୋଇଯାଇଥିଲା ଗଗନଭେଦୀ 'ଯୁଦ୍ଧ ରବ'ରେ ! ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଥାଏ ଯେ 'ବନ୍ଦେ ମାତରମ' ସଂପର୍କିତ ନୂତନ ଗାଇଡଲାଇନକୁ ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ କରିବାରେ କଂଗ୍ରେସର କୁଣ୍ଠା କାହିଁକି ? ଅବଶ୍ୟ, କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସରକାରୀ ଉତ୍ସବାନୁଷ୍ଠାନ ବେଳେ 'ରାଷ୍ଟ୍ର ଗୀତ' ଗାୟନ ସଂପର୍କିତ ନୂତନ ନିୟମକୁ ନେଇ ଦଳର କୌଣସି ଆପତ୍ତି ନାହିଁ; କେବଳ ଯାହା ଦଳୀୟ କାର୍ଯ୍ୟକ୍ରମରେ ସେହି ଗୋଟିଏ ନିୟମର ସାମାନ୍ୟ ଉଲ୍ଲଂଘନ କରାଯିବ, ଅର୍ଥାତ୍, 'ରାଷ୍ଟ୍ର ଗୀତ'ର କେବଳ ପ୍ରଥମ ଦୁଇଟି ପଦକୁ ବୋଲାଯିବ, ଯେମିତି ଏ ଯାବତ୍ ସାରା ଦେଶରେ ପ୍ରଚଳିତ ହୋଇ ଆସୁଥିଲା। ପ୍ରକାଶ ଥାଉ କି ଦଳର ଏଭଳି ବିଚାର ଛିଡ଼ା ହୋଇଥାଏ ଏକ ଐତିହାସିକ ଆଧାର ଉପରେ, ଯାହାକୁ ନିର୍ମାଣ କରିଥିଲା ୧୯୩୭ ମସିହାରେ, ଅଣାନବେ ବର୍ଷ ପୂର୍ବେ, ମହାତ୍ମା ଗାନ୍ଧୀ, ଜୱାହରଲାଲ ନେହରୁ, ବଲ୍ଲଭଭାଇ ପଟେଲ, ସୁଭାଷ ଚନ୍ଦ୍ର ବୋଷ ଓ ମୌଲାନା ଆଜାଦଙ୍କ ଭଳି କଂଗ୍ରେସର ତୁଙ୍ଗ ନେତାମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି; କାରଣ ତହିଁରେ ନିହିତ ଥିଲା ଏକ ଆଶଙ୍କା ଯେ ପଦ୍ୟର ଅବଶିଷ୍ଟାଂଶରେ ଥିବା ହିନ୍ଦୁ ଧର୍ମଧାରାରୁ ଆହରିତ ଉପମା ଓ ପ୍ରତୀକ, ହୁଏତ, ଗାୟନ କାଳରେ ସଂଖ୍ୟାଲଘୁ ସଂପ୍ରଦାୟର ସଦସ୍ୟଙ୍କ ସକାଶେ ଅସ୍ୱସ୍ତିକର, ଏପରିକି ଅଗ୍ରାହ୍ୟ ମଧ୍ୟ ହୋଇପାରେ। ସେହି ସମୟରେ ଏହି ନିଷ୍ପତ୍ତିକୁ ସମର୍ଥନ ପ୍ରଦାନ କରିଥିଲେ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର। ଉଲ୍ଲେଖଯୋଗ୍ୟ ଯେ ସେହି ବର୍ଷ 'କଂଗ୍ରେସ କାର୍ଯ୍ୟକାରୀ କମିଟି' ଦ୍ୱାରା 'ବନ୍ଦେ ମାତରମ'କୁ 'ରାଷ୍ଟ୍ର ଗୀତ'ର ସ୍ୱୀକୃତି ପ୍ରଦାନ କରାଯାଇଥିଲା ଏବଂ ଜାତୀୟ ସଂଗୀତ ସହିତ ସମତୁଲ ମର୍ଯ୍ୟାଦା ଓ ଶ୍ରେଷ୍ଠତ୍ୱ ଆରୋପଣ କରାଯାଇଥିଲା, ଯେଉଁ ସ୍ଥିତି ଏ ଯାବତ ରହି ଆସିଛି। ତେଣୁ କଂଗ୍ରେସ ପକ୍ଷରୁ ପାଲଟା ପ୍ରଶ୍ନ କରାଯାଇଥାଏ ଯେ 'ଦେଶ ପ୍ରେମ' ଓ 'ବନ୍ଦେ ମାତରମ' ପ୍ରତି ଅନୁରକ୍ତିକୁ ଅଧିକ ପ୍ରାଞ୍ଜଳ କରିବା ସକାଶେ ଆଉ କେଉଁ ପ୍ରମାଣର ଆବଶ୍ୟକତା ରହିଛି ? ଏହି ତର୍କ-ବିତର୍କ କାଳରେ ଗୋଟିଏ ପକ୍ଷର ମତ ଶୁଭେ ଯେ ଜାତୀୟ ସଂଗୀତଟି ପାଂଚ ପଦ ବିଶିଷ୍ଟ କବିତା 'ଭାରତ ଭାଗ୍ୟ ବିଧାତା'ର କେବଳ ମାତ୍ର ଗୋଟିଏ (ପ୍ରଥମ) ପଦ ହୋଇଥିବା ବେଳେ 'ରାଷ୍ଟ୍ର ଗୀତ' ପରିପ୍ରେକ୍ଷୀରେ ପ୍ରଥମ 'ଦୁଇ ପଦ'କୁ ଗ୍ରହଣ କରିବାରେ ବିଶେଷ ଅସଂଗତି ନ ଥାଏ। ସେମାନେ କହିଥାଆନ୍ତି ଯେ କ୍ଷୁଦ୍ରତା କାରଣରୁ ଜାତୀୟ ସଂଗୀତଟି ପ୍ରତ୍ୟେକ ଭାରତୀୟଙ୍କ ହୃଦୟସ୍ଥ, କଣ୍ଠସ୍ଥ ଓ ମୁଖସ୍ଥ ହୋଇ ଜିହ୍ୱାଗ୍ରେ ରହିଛି, ଯାହା ଛଅ ପଦ ବିଶିଷ୍ଟ ପୂର୍ଣ୍ଣାଙ୍ଗ 'ରାଷ୍ଟ୍ର ଗୀତ' ସଂଦର୍ଭରେ ଆଦୌ ସମ୍ଭବ ନୁହେଁ। ଦ୍ୱିତୀୟରେ, ଗାୟନ ଅବଧିର ଦୀର୍ଘତା ଦୃଷ୍ଟିରୁ 'ରାଷ୍ଟ୍ର ଗୀତ' ଲୋଡୁଥିବା ଭଳି ଯଥୋଚିତ ଏକାଗ୍ରତା ଓ ନିବିଷ୍ଟତା ହୁଏତ ଶ୍ରୋତାମାନଙ୍କ ମଧ୍ୟରେ ସର୍ବଦା ସମ୍ଭବ ହୋଇ ନ ପାରେ, ଯାହା ସେମାନଙ୍କ ଅଲକ୍ଷ୍ୟରେ 'ରାଷ୍ଟ୍ର ଗୀତ' ଲାଗି ଅବମାନନାମୂଳକ ପରିସ୍ଥିତି ସୃଷ୍ଟି କରିବ। କିନ୍ତୁ, ପୂର୍ଣ୍ଣାଙ୍ଗ 'ରାଷ୍ଟ୍ର ଗୀତ'ର ସମର୍ଥକମାନେ ଖଣ୍ଡିତ ଅଭିବ୍ୟକ୍ତି (ପ୍ରଥମ ଦୁଇ ପଦ) ସହିତ ଆଦୌ ସନ୍ଧି କରି ନ ଥାଆନ୍ତି; ସେମାନଙ୍କ ମତରେ ଏହା 'ରାଷ୍ଟ୍ର ଗୀତ'ର ପବିତ୍ରତାର ହନନ ଏବଂ ସାଂପ୍ରଦାୟିକ ସଂକୀର୍ଣ୍ଣତାକୁ ଅତିକ୍ରମ କରି ମହାଭାରତୀୟ ଚେତନାରେ ପ୍ରବେଶ କରୁଥିବାରୁ 'ବନ୍ଦେ ମାତରମ'ର ସଂପୂର୍ଣ୍ଣ ଗାୟନରେ କୌଣସି ଆପତ୍ତି ରହିବା ଉଚିତ ନୁହେଁ। ତେବେ, ସେ ଯାହା ହେଉ, ମୂଳ ଉଦ୍ ?ବେଗଟି ହେଲା, ଆଲୋଚନା କାଳରେ ଏଭଳି ମତ ବିଭାଜନ କେବଳ ବୈଚାରିକ ସ୍ତରରେ ସୀମିତ ରହିବାର ଆଶା କ୍ଷୀଣ; କାରଣ ରାଜନେ ?ତିକ ଉଚ୍ଚାଟ ଏହାକୁ ତୀବ୍ର କରିବ, ହୁଏତ ବ୍ୟକ୍ତିଗତ ଆକ୍ଷେପ ଓ କୁତ୍ସାକୁ ମଧ୍ୟ ଜନ୍ମ ଦେବ।

## ଦୁଇ ଟଙ୍କାର ସିନ୍ଦୂର ଓ ଦହିବରା ଆଳୁଦମ

### ସୌଭାଗ୍ୟ ରଞ୍ଜନ ମହାନ୍ତି

ସେ ଝିଅଟିର ନାଁ ଥିଲା ମାଳତୀ। ବୟସ କେତେ ଥିଲା, ସେ ନିଜେ ମଧ୍ୟ ଠିକ୍ ମନେ ରଖିପାରୁନଥିଲା। କାରଣ ତା'ର ଶୈଶବ ଏତେ ଶୀଘ୍ର ଶେଷ ହୋଇଯାଇଥିଲା ଯେ, ନିଜ ଶୈଶବର ମୁହଁଟିକୁ ଆଇନାରେ ଦେଖିବାର ସୁଯୋଗ ମଧ୍ୟ ତାକୁ ମିଳିନଥିଲା। ଯେଉଁ ବୟସରେ ଅନ୍ୟ ଝିଅମାନେ ପାଠଶାଳାର ଖାତା ଧରି ଭବିଷ୍ୟତର ସ୍ୱପ୍ନ ଦେଖୁଥିଲେ, ସେହି ବୟସରେ ମାଳତୀଙ୍କ ହାତରେ ଧରାଇ ଦିଆଯାଇଥିଲା ଶଙ୍ଖା, ପଲା ଓ ସିନ୍ଦୂର। ତା'ର ମାଆ କହିଥିଲେ, "ଝିଅ, ତୋର ଭାଗ୍ୟ ଭଲ ହେଉ, ସ୍ୱାମୀ ଘରେ ସୁଖରେ ରହିବୁ।" ମାଳତୀ ସେତେବେଳେ 'ସ୍ୱାମୀ ଘର'ର ଅର୍ଥ ମଧ୍ୟ ଭଲଭାବେ ବୁଝିନଥିଲା। ସେ ଭାବିଥିଲା, ନୂଆ ଘର ହେବ, ନୂଆ ଲୋକ ହେବେ, ନୂଆ ପୋଷାକ ମିଳିବ, ସନ୍ଧ୍ୟାବେଳେ ସ୍ୱାମୀ ତା' ପାଖରେ ବସି କଥା କହିବେ, ତା'ର ମନ ଭଲ ନଥିଲେ ମୁଣ୍ଡରେ ହାତ ରଖି ପଚାରିବେ—"କ'ଣ ହେଲା ?" ସେ ଜାଣିନଥିଲା ଯେ ସବୁ ଝିଅଙ୍କ ଭାଗ୍ୟରେ ସ୍ୱାମୀର ସ୍ନେହ ଲେଖା ନଥାଏ। ତା'ର ଭାଗ୍ୟରେ ଲେଖାଥିଲା ଏମିତି ଜଣେ ପୁରୁଷ, ଯିଏ ମଦ ପିଇ ଘରକୁ ଫେରୁଥିଲା, ନିଜ ହାତରେ ଥିବା ଶେଷ ଟଙ୍କାଟିକୁ ମଦ ପାଇଁ ଖର୍ଚ୍ଚ କରୁଥିଲା, ଘରର ଚୁଲି ଥଣ୍ଡା ରହିଲେ ମଧ୍ୟ ଚିନ୍ତା କରୁନଥିଲା, ପୁଅ ଭୋକରେ ଶୋଇଲେ ମଧ୍ୟ ତା'ର ଆଖିରେ ଲୁହ ଆସୁନଥିଲା। ସେହି ପୁରୁଷ ପାଇଁ ମାଳତୀ ଥିଲା ସ୍ତ୍ରୀ ନୁହେଁ, ଏକ ଶରୀର। ତା'ର ମନ ଅଛି କି ନାହିଁ, ତା'ର ଦୁଃଖ ଅଛି କି ନାହିଁ, ସେ ଭୋକିଲା କି ନାହିଁ, ସେ ଥକିଛି କି ନାହିଁ—ଏସବୁ ପ୍ରଶ୍ନର ମୂଲ୍ୟ ତା' ସ୍ୱାମୀଙ୍କ ପାଖରେ କେବେ ଥିଲା ନାହିଁ। ତା'ର ମୂଲ୍ୟ ଥିଲା କେବଳ ମାଳତୀଙ୍କ ଶରୀରରେ। ଦିନ ସାରା ଘର ପାଇଁ ଶ୍ରମ କରିଥିବା ସେହି ଝିଅଟି ରାତିରେ ମଧ୍ୟ ନିଜ ଶରୀରକୁ ନିଜର ଭାବେ ରଖିପାରୁନଥିଲା। ତା'ର ଇଚ୍ଛା, ତା'ର ଅନିଚ୍ଛା, ତା'ର ଯନ୍ତ୍ରଣା— ସବୁକିଛି ନିରବ ହୋଇଯାଉଥିଲା। ସେ କେବେ କେବେ ଭାବୁଥିଲା, "ମୁଁ କି ସ୍ତ୍ରୀ ନା କେବଳ ଏହି ଘରର ଜଣେ ଶ୍ରମିକ ?" କିନ୍ତୁ ସେହି ପ୍ରଶ୍ନର ଉତ୍ତର ଦେବାକୁ ଘରେ କେହି ନଥିଲେ। ମାଳତୀ ମୁହଁ ବନ୍ଦ କରି ବଞ୍ଚିବା ଶିଖିଗଲା। ତା'ର ଲୁହର ମଧ୍ୟ ଶବ୍ଦ ନଥିଲା। ସକାଳ ହେଲେ ସେ ଉଠୁଥିଲା। ଘର ଝାଡୁଥିଲା। ପାଣି ଆଣୁଥିଲା। ଚୁଲି ଜଳାଉଥିଲା। ପୁଅ ପାଇଁ ଖାଇବା ରାନ୍ଧୁଥିଲା। ସ୍ୱାମୀ ପାଇଁ ମଧ୍ୟ ଖାଦ୍ୟ ରଖୁଥିଲା। ନିଜ ପାଇଁ ଯାହା ବଞ୍ଚୁଥିଲା, ସେତିକିରେ ତା'ର ଦିନ କଟୁଥିଲା। ଘରେ ଟଙ୍କା ନଥିଲା। କିନ୍ତୁ ମଦ ପାଇଁ ଟଙ୍କା ମିଳୁଥିଲା। ଘରେ ଚାଉଳ ନଥିଲା। କିନ୍ତୁ ମଦ ପାଇଁ ଟଙ୍କା ମିଳୁଥିଲା। ପୁଅର ପାଦରେ ଚପଲ ନଥିଲା। କିନ୍ତୁ ସ୍ୱାମୀଙ୍କ ହାତରେ ମଦର ବୋତଲ ଥିଲା। ମାଳତୀଙ୍କ ଜୀବନରେ ସବୁଠାରୁ ବଡ଼ ଦୁଃଖ ଥିଲା ଅଭାବ ନୁହେଁ; ତା'ର ସବୁଠାରୁ ବଡ଼ ଦୁଃଖ ଥିଲା—ଯାହାକୁ ସେ ନିଜ ଜୀବନ ଭାବିଥିଲା, ସେହି ମଣିଷ ତା'ର ଜୀବନକୁ କେବେ ମୂଲ୍ୟ ଦେଇନଥିଲା। ଦିନେ ମାଳତୀ ସାହସ କରି ସ୍ୱାମୀଙ୍କୁ କହିଲା, "ଆଜି ଘରେ ସିନ୍ଦୂର ନାହିଁ। ଦୁଇ ଟଙ୍କା ଦେଇଦିଅ, ମୁଁ ସିନ୍ଦୂର ଆଣିବି।" ସେହି କଥା ଶୁଣି ସ୍ୱାମୀ ହସିଦେଲା। ତା'ର ହାତରେ ମଦର ବୋତଲ ଥିଲା। ସେ କହିଲା, "ଦୁଇ ଟଙ୍କା ମଧ୍ୟ ନାହିଁ।" ମାଳତୀ ଚୁପ ହୋଇଗଲା। ସେ ଆଉ କିଛି କହିଲା ନାହିଁ। କିନ୍ତୁ ତା'ର ଆଖିରେ ଜମିଗଲା ଏକ ଅଜଣା ଲୁହ। ଦୁଇ ଟଙ୍କା—କାହା ପାଇଁ ଏହା କେତେ ଛୋଟ ରାଶି ! କିନ୍ତୁ ମାଳତୀଙ୍କ ପାଇଁ ସେହି ଦୁଇ ଟଙ୍କା ଥିଲା ତା'ର ବିବାହର ଚିହ୍ନ, ତା'ର ମାଥାର ସିନ୍ଦୂର, ତା'ର ଜୀବନର ସମାଜିକ ପରିଚୟ। ଯେଉଁ ମଣିଷ ତା'ର ଶରୀରକୁ ନିଜ ଅଧିକାର ବୋଲି ଭାବୁଥିଲା, ସେହି ମଣିଷ ତା'ର ମାଥାରେ ଦୁଇ ଟଙ୍କାର ସିନ୍ଦୂର ଦେବାକୁ ମଧ୍ୟ ଅସମର୍ଥ ଥିଲା। ମାଳତୀ ସେହି ଦିନ ନିଜ ମନରେ ଏକ ପ୍ରଶ୍ନ କଲା—"ଯେଉଁ ମଣିଷ ମୋ ଶରୀରକୁ ଚାହେ, ସେ କାହିଁକି ମୋ ମାଥାରେ ଦୁଇ ଟଙ୍କାର ସିନ୍ଦୂର ଦେଇପାରେ ନାହିଁ ?" ତା'ର ପାଖରେ ଉତ୍ତର ନଥିଲା। ସମ୍ଭବତଃ ଉତର ଏତିକି—ସେହି ପୁରୁଷ ମାଳତୀଙ୍କୁ ଭଲପାଉନଥିଲା; ସେ କେବଳ ତା'ର ଶରୀରକୁ ଚାହୁଁଥିଲା। ସେହି ରାତିରେ ମାଳତୀ ଘରର ଅନ୍ଧାର କୋଣରେ ବସି ନିଜ ମାଥାକୁ ଛୁଇଁଲା। ସିନ୍ଦୂରର ଚିହ୍ନ ଧୀରେ ଧୀରେ ମିଛିଯାଇଥିଲା। ସେ ଆଙ୍ଗୁଠିରେ ଖାଲି ମାଥାକୁ ଛୁଇଁଲା। ତା'ର ଆଖିରୁ ଦୁଇ ବୁନ୍ଦ ଲୁହ ଖସିଲା। ସେ ନିଜକୁ ପଚାରିଲା—"ମୋ ସ୍ୱାମୀ ମୋ ମାଥାର ସିନ୍ଦୂର ପାଇଁ ଦୁଇ ଟଙ୍କା ଦେଇପାରୁନାହାନ୍ତି, କିନ୍ତୁ ମୋ ଶରୀର ଉପରେ ଅଧିକାର ଦାବି କରିବାରେ କେବେ ପଛକୁ ହଟୁନାହାନ୍ତି କାହିଁକି ?" ସେହି ପ୍ରଶ୍ନର ଯନ୍ତ୍ରଣା ତା'ର ଛାତିରେ ପଥର ଭଳି ପଡ଼ିରହିଲା। ଦିନ ଗଡ଼ିଗଲା। ମାଳତୀଙ୍କ ପୁଅ ବଡ଼ ହେବାକୁ ଲାଗିଲା। ଛୋଟ ପୁଅର ଗୋଟିଏ ମାତ୍ର ଇଚ୍ଛା ଥିଲା—କେବେ ନା କେବେ ସେ ଦହିବରା ଆଳୁଦମ ଖାଇବ। ଗାଁର ରାସ୍ତା ପାଖରେ ଜଣେ ବୁଢ଼ା ଦହିବରା ବିକ୍ରି କରୁଥିଲେ। ପୁଅଟି ସେହି ଦୋକାନ ପାଖରେ ଠିଆ ହୋଇ ଅନ୍ୟ ପିଲାମାନଙ୍କୁ ଖାଉଥିବା ଦେଖୁଥିଲା। ଦିନେ ସେ ଘରକୁ ଆସି ମାଆଙ୍କୁ କହିଲା, "ମାଆ, ମୋତେ ଦହିବରା ଆଳୁଦମ ଖାଇବାକୁ ଇଚ୍ଛା ହେଉଛି।" ମାଳତୀ ପୁଅର ମୁହଁକୁ ଦେଖିଲା। ତା'ର ମନ କାନ୍ଦିଉଠିଲା। ସେ ପୁଅକୁ କହିଲା, "ହଁ ବାପା, ଖୁଆଇବି।" ପୁଅ ଖୁସିରେ ହସିଲା। କିନ୍ତୁ ମାଳତୀ ଜାଣିଥିଲା—ଘରେ ସେହି ଦହିବରା ପାଇଁ ଗୋଟିଏ ଟଙ୍କା ମଧ୍ୟ ନାହିଁ। ସେ ସ୍ୱାମୀଙ୍କୁ କହିଲା, "ପୁଅଟା ଦହିବରା ଆଳୁଦମ ଖାଇବାକୁ କହୁଛି। କିଛି ଟଙ୍କା ଦେଇଦିଅ।" ସ୍ୱାମୀ ତା' ଦିଗକୁ ଦେଖିଲା ମଧ୍ୟ ନାହିଁ। ମଦ ପିଇଥିବା ସ୍ୱରରେ କହିଲା, "ମୋ ପାଖରେ କିଛି ନାହିଁ।" ମାଳତୀ ଜାଣିଥିଲା, ତାଙ୍କ ପାଖରେ ଟଙ୍କା ନଥିଲା ନୁହେଁ; ମଦ ପାଇଁ ଟଙ୍କା ରଖାଯାଇଥିଲା, କିନ୍ତୁ ପୁଅ ପାଇଁ ନୁହେଁ। ସେହି ରାତିରେ ପୁଅ ଶୋଇବା ପୂର୍ବରୁ ପଚାରିଲା, "ମାଆ, କାଲି ଦହିବରା ଖୁଆଇବୁ ତ ?" ମାଳତୀ ହସି କହିଲା, "ହଁ ବାପା, କାଲି ନିଶ୍ଚୟ।" ପୁଅ ଘୁମିଗଲା। ମାଳତୀ କିନ୍ତୁ ଘୁମାଇପାରିଲା ନାହିଁ। ସେ ଭାବିଲା—"ମୁଁ ମାଆ। ମୋ ପୁଅର ଛୋଟ ଇଚ୍ଛାଟିକୁ ମଧ୍ୟ ଯଦି ପୂରଣ କରିପାରିବି ନାହିଁ, ତେବେ ମୁଁ କେମିତି ମାଆ ?" ପରଦିନ ସକାଳେ ସେ ଘରୁ ବାହାରିଗଲା। କେଉଁଠି କାମ ମିଳିବ, ତା'ର ଜ୍ଞାନ ନଥିଲା। ରାସ୍ତା କଡ଼ରେ ନିର୍ମାଣ କାମ ଚାଲିଥିଲା। ମାଳତୀ ସେଠାରେ ଯାଇ ଠିଆ ହେଲା। ଜଣେ ଠିକାଦାର ପଚାରିଲେ, "କାମ କରିବୁ ?" ମାଳତୀ ମୁଣ୍ଡ ନୁଆଇ କହିଲା, "ହଁ।" ତା'ର ହାତରେ କେବେ କୋମଳତା ଥିଲା, କିନ୍ତୁ ଜୀବନ ତାହାକୁ କଠିନ କରିଦେଇଥିଲା। ସେ ମୁଣ୍ଡରେ ଇଟ ବୋହିଲା। ବାଲି ବୋହିଲା। ମାଟି ଖୋଳିଲା। ଧୂପରେ ଘାମ ଝରିଲା। ପାଦ ଯନ୍ତ୍ରଣା କଲା। ହାତରେ ଫୋସକା ପଡ଼ିଲା। କିନ୍ତୁ ତା'ର ମନରେ ଥିଲା ଏକମାତ୍ର ଚିତ୍ର—ପୁଅର ହସୁଥିବା ମୁହଁ। ଦିନ ଶେଷରେ ତା' ହାତରେ କିଛି ଟଙ୍କା ଆସିଲା। ସେ ଟଙ୍କାଗୁଡ଼ିକୁ ମୁଠାରେ ଚାପି ଧରିଲା। ସେହି ଟଙ୍କା ତା' ପାଇଁ କେବଳ ମଜୁରି ନଥିଲା। ସେହି ଟଙ୍କାରେ ଥିଲା ତା'ର ପୁଅର ଖୁସି। ଘରକୁ ଫେରିବା ସମୟରେ ସେ ରାସ୍ତା ପାଖରୁ ଦହିବରା ଆଳୁଦମ କିଣିଲା। ଘରକୁ ପହଁଚି ପୁଅକୁ ଡାକିଲା, "ବାପା, ଆସ।" ପୁଅ ଦୌଡ଼ିଆସିଲା। ମାଆଙ୍କ ହାତରେ ଦହିବରା ଦେଖି ତା'ର ମୁହଁ ଖୁସିରେ ଆଲୋକିତ ହୋଇଗଲା। ସେ ପଚାରିଲା, "ମାଆ, ତୁ କିଣିଲୁ ?" ମାଳତୀ ହସି କହିଲା, "ହଁ ବାପା।" ପୁଅ ଖାଇବା ଆରମ୍ଭ କଲା। ପ୍ରଥମ ଗ୍ରାସଟି ମୁହଁରେ ପକାଇ ସେ ଯେତେବେଳେ ହସିଲା, ମାଳତୀଙ୍କ ଆଖିରେ ଲୁହ ଆସିଗଲା। ସେହି ଦହିବରାରେ ତା'ର ନିଜ ଭୋକ ନଥିଲା, କିନ୍ତୁ ମାଆର ମମତା ଥିଲା। ସେହି ଆଳୁଦମରେ ତା'ର ନିଜ ପାଇଁ କିଛି ନଥିଲା, କିନ୍ତୁ ପୁଅର ଖୁସି ପାଇଁ ସବୁକିଛି ଥିଲା। ପୁଅ ଖାଇସାରି ମାଆଙ୍କୁ ଦେଖି କହିଲା, "ମାଆ, ତୁ ଖାଇବୁ ?" ମାଳତୀ ହସି କହିଲା, "ମୁଁ ଖାଇଦେଇଛି।" ସେ ମିଛ କହିଥିଲା। ସେହି ଦିନ ସକାଳଠାରୁ ତା' ପେଟରେ କିଛି ପଡ଼ିନଥିଲା। କିନ୍ତୁ ଜଣେ ମାଆର ପେଟ ଭୋକରେ ଖାଲି ଥାଇପାରେ, ତା'ର ହୃଦୟ ପୁଅର ହସରେ ପୂର୍ଣ୍ଣ ହୋଇଯାଏ। ସେହି ରାତିରେ ପୁଅ ମାଆଙ୍କ କୋଳରେ ମୁଣ୍ଡ ରଖି କହିଲା, "ମାଆ, ତୁ ସବୁଠାରୁ ଭଲ।" ଏହି ଚାରିଟି ଶବ୍ଦ ମାଳତୀଙ୍କ ସାରା ଦିନର ଶ୍ରମକୁ ଭୁଲାଇଦେଲା। ସେ ନିରବରେ ପୁଅର କେଶରେ ହାତ ବୁଲାଇଲା। ତା'ର ଆଖିରୁ ଲୁହ ଝରୁଥିଲା। ପୁଅ ଦେଖିଲା ନାହିଁ। ସେ ଭାବିଲା, ମାଆ ହସୁଛି। କିନ୍ତୁ ମାଆଙ୍କ ସେହି ହସର ପଛରେ କେତେ ଯନ୍ତ୍ରଣା ଥିଲା, ତାହା ସେତେବେଳେ ତା'ର ଜଣା ନଥିଲା। ବର୍ଷ ପରେ ସେହି ପୁଅ ବଡ଼ ହେଲା। ସେ ଜାଣିଲା, ତା'ର ମାଆ ତା'କୁ ଦହିବରା ଆଳୁଦମ ଖୁଆଇବା ପାଇଁ ଦିନ ସାରା ମୁଣ୍ଡରେ ଇଟ ବୋହିଥିଲା। ସେ ଜାଣିଲା, ତା'ର ବାପା ଦୁଇ ଟଙ୍କାର ସିନ୍ଦୂର ଦେବାକୁ ଅସମର୍ଥ ଥିଲେ, କିନ୍ତୁ ମାଆ ନିଜ ଶ୍ରମରେ ପୁଅର ଛୋଟ ଇଚ୍ଛା ପୂରଣ କରିଥିଲା। ସେ ଜାଣିଲା, ତା'ର ମାଆ କେବେ ନିଜ ପାଇଁ ଜୀବନ ଜୀଇନଥିଲା। ସେ କେବଳ ପୁଅ ପାଇଁ ଜୀଇଥିଲା। ସେହି ଦିନ ପୁଅ ମାଆଙ୍କ ପାଖରେ ବସି କାନ୍ଦି କାନ୍ଦି କହିଲା, "ମାଆ, ତୁ ମୋତେ କାହିଁକି କହିଲୁ ନାହିଁ ?" ମାଳତୀ ହସି କହିଲା, "ମାଆ କେବେ ପୁଅକୁ ନିଜ ଦୁଃଖର ଭାର ଦିଏ ନାହିଁ ବାପା।" ପୁଅ କହିଲା, "ତୁ ମୋ ପାଇଁ ଏତେ କଷ୍ଟ କରିଛୁ।" ମାଳତୀ ତା'ର ମୁଣ୍ଡରେ ହାତ ରଖି କହିଲା, "ତୋର ହସ ମୋ ପାଇଁ ସବୁଠାରୁ ବଡ଼ ଦରମା।" ସେହି କଥା ଶୁଣି ପୁଅର ଆଖିରୁ ଲୁହ ଝରିପଡ଼ିଲା। ସେ ମାଆଙ୍କ ପାଦ ଧରିଲା। ସେହି ପାଦରେ ଥିଲା ବର୍ଷ ବର୍ଷର ଶ୍ରମର ଚିହ୍ନ। ଫାଟିଯାଇଥିବା ଗୋଇଠି, କଠିନ ଚର୍ମ, ଶୁଖିଯାଇଥିବା ରକ୍ତର ଚିହ୍ନ—ସବୁକିଛି ତା'ର ଆଖି ଆଗରେ ଥିଲା। ସେ ଭାବିଲା, "ଏହି ପାଦ ମୋତେ ଚାଲିବା ଶିଖାଇଥିଲା। ଏହି ହାତ ମୋତେ ଖାଇବା ଦେଇଥିଲା। ଏହି ମାଆ ନିଜେ ଭୋକିଲା ରହି ମୋତେ ଖୁଆଇଥିଲା।" ମାଳତୀଙ୍କ ଜୀବନ ଆମ ସମାଜର ଅନେକ ନାରୀଙ୍କ ଜୀବନର ଏକ ନିରବ ପ୍ରତିଛବି। ଏମିତି କେତେ ମାଳତୀ ଅଛନ୍ତି, ଯେଉଁମାନେ ବହୁତ ଛୋଟ ବୟସରେ ବିବାହର ନାଁରେ ନିଜ ଶୈଶବ ହରାଇଦେଇଛନ୍ତି। ଏମିତି କେତେ ନାରୀ ଅଛନ୍ତି, ଯେଉଁମାନଙ୍କ ସ୍ୱାମୀ ମଦରେ ଡୁବି ଯାଇଛନ୍ତି। ଏମିତି କେତେ ନାରୀ ଅଛନ୍ତି, ଯେଉଁମାନଙ୍କ ଶରୀରକୁ ସ୍ୱାମୀ ଅଧିକାର ଭାବେ ଦେଖନ୍ତି, କିନ୍ତୁ ମନକୁ ମଣିଷ ଭାବେ ଦେଖନ୍ତି ନାହିଁ। ଏମିତି କେତେ ନାରୀ ଅଛନ୍ତି, ଯେଉଁମାନେ ନିଜ ପିଲାଙ୍କ ମୁହଁରେ ହସ ଦେଖିବା ପାଇଁ ନିଜ ଶରୀରକୁ ଶ୍ରମରେ ଭାଙ୍ଗିଦେଉଛନ୍ତି। ସେମାନେ ଅଭିଯୋଗ କରୁନାହାନ୍ତି। କାରଣ ସେମାନେ ଦୁର୍ବଳ ନୁହେଁ। ସେମାନଙ୍କ ନିରବତାର ଭିତରେ ଅସୀମ ଶକ୍ତି ଅଛି। କିନ୍ତୁ ସମାଜର ଦାୟିତ୍ୱ ହେଉଛି ଏହି ନିରବତାକୁ ଦୁର୍ବଳତା ବୋଲି ନଭାବିବା। ଜଣେ ନାରୀ ସ୍ୱାମୀଙ୍କ ଘରେ ରହୁଛି ବୋଲି ତା'ର ସମସ୍ତ ଅଧିକାର ଶେଷ ହୋଇଯାଏ ନାହିଁ। ତା'ର ଶରୀର ଉପରେ ତା'ର ନିଜ ଅଧିକାର ଅଛି। ତା'ର ମନ ଅଛି। ତା'ର ସମ୍ମାନ ଅଛି। ତା'ର ସ୍ୱପ୍ନ ଅଛି। ତା'ର ଭୋକ ଅଛି। ତା'ର ଲୁହ ଅଛି। ତା'ର ହସ ଅଛି। ସ୍ୱାମୀ ହେବାର ଅର୍ଥ ଶରୀର ଉପରେ ଅଧିକାର ନୁହେଁ; ସ୍ୱାମୀ ହେବାର ଅର୍ଥ ଦାୟିତ୍ୱ, ସମ୍ମାନ, ସ୍ନେହ ଓ ସୁରକ୍ଷା। ଯେଉଁ ପୁରୁଷ ନିଜ ସ୍ତ୍ରୀର ଶରୀର ଚାହେ କିନ୍ତୁ ତା'ର ଭୋକ ବୁଝେନାହିଁ, ଯେଉଁ ପୁରୁଷ ସ୍ତ୍ରୀକୁ ନିଜ ଅଧିକାର ବୋଲି ଭାବେ କିନ୍ତୁ ତା'ର ଲୁହକୁ ନିଜ ଦାୟିତ୍ୱ ବୋଲି ମାନେନାହିଁ, ସେ ସ୍ୱାମୀ ହେବାର ଅର୍ଥକୁ ଅପମାନ କରୁଛି। ଦୁଇ ଟଙ୍କାର ସିନ୍ଦୂର କିଣିପାରୁନଥିବା ଦୁଃଖ ହୁଏତ ଛୋଟ ଲାଗିପାରେ, କିନ୍ତୁ ତା' ପଛରେ ଥିବା ଅବହେଳା ବହୁତ ବଡ଼। ଦହିବରା ଆଳୁଦମର ଗୋଟିଏ ପ୍ଲେଟ ହୁଏତ ଦାମରେ ଛୋଟ, କିନ୍ତୁ ତାହା ପାଇଁ ମାଆର ମୁଣ୍ଡରେ ବୋହାଯାଇଥିବା ପ୍ରତ୍ୟେକ ଇଟର ଓଜନ ବହୁତ ବଡ଼। ମାଳତୀଙ୍କ କାହାଣୀର ସବୁଠାରୁ ଯନ୍ତ୍ରଣାଦାୟକ ଅଂଶ ଏହା ନୁହେଁ ଯେ ତା'ର ସ୍ୱାମୀ ମଦ ପିଉଥିଲେ। ସବୁଠାରୁ ବଡ଼ ଯନ୍ତ୍ରଣା ହେଉଛି—ମାଳତୀଙ୍କ ଜୀବନରେ କେହି କେବେ ତାଙ୍କୁ ପଚାରିଲା ନାହିଁ, "ତୁ କେମିତି ଅଛୁ ?" ସେ ଅନ୍ୟମାନଙ୍କ ପାଇଁ ରାନ୍ଧିଲା, ଅନ୍ୟମାନଙ୍କ ପାଇଁ ଶ୍ରମ କଲା, ଅନ୍ୟମାନଙ୍କ ପାଇଁ ନିଜ ଜୀବନ ଦେଇଦେଲା, କିନ୍ତୁ ତା' ପାଇଁ କେହି ଗୋଟିଏ ଦିନ ମଧ୍ୟ ଠିଆ ହୋଇ କହିଲେ ନାହିଁ—"ମାଳତୀ, ତୋର ମଧ୍ୟ ଥକା ଲାଗୁଛି କି ?" ଏହି ପ୍ରଶ୍ନଟି ଆଜି ଆମ ସମସ୍ତଙ୍କ ପାଇଁ। ଆମ ଚାରିପାଖରେ ଏମିତି କେତେ ନାରୀ ଅଛନ୍ତି, ଯେଉଁମାନେ ହସୁଛନ୍ତି, କିନ୍ତୁ ଭିତରେ କାନ୍ଦୁଛନ୍ତି ? କେତେ ନାରୀ ଅଛନ୍ତି, ଯେଉଁମାନେ ପରିବାର ପାଇଁ ରାତିଦିନ ଶ୍ରମ କରୁଛନ୍ତି, କିନ୍ତୁ ନିଜ ପାଇଁ ଦୁଇ ମୁହୂର୍ତ୍ତ ସମୟ ନାହିଁ ? କେତେ ମାଆ ଅଛନ୍ତି, ଯେଉଁମାନେ ପିଲାଙ୍କୁ ଖୁଆଇ ନିଜେ ଭୋକିଲା ଶୋଇଯାଉଛନ୍ତି ? କେତେ ସ୍ତ୍ରୀ ଅଛନ୍ତି, ଯେଉଁମାନେ ନିଜ ସ୍ୱାମୀଙ୍କ ମଦର ଦୁର୍ଗନ୍ଧ ସହି ମଧ୍ୟ ପରଦିନ ସକାଳେ ଘରର ଚୁଲି ଜଳାଉଛନ୍ତି ? ଆମେ ସେମାନଙ୍କୁ ଦେଖୁଛୁ କି ? ନା ସେମାନଙ୍କ ନିରବତାକୁ ସାଧାରଣ ବୋଲି ଭାବୁଛୁ ? ମାଳତୀଙ୍କ କାହାଣୀ ଶେଷ ହୋଇନାହିଁ। କାରଣ ମାଳତୀ କେବଳ ଜଣେ ନାରୀର ନାଁ ନୁହେଁ। ମାଳତୀ ହେଉଛି ସେହି ପ୍ରତ୍ୟେକ ନାରୀର ନାଁ, ଯିଏ ନିଜ ଲୁହ ଲୁଚାଇ ପିଲାକୁ ହସାଏ। ମାଳତୀ ହେଉଛି ସେହି ପ୍ରତ୍ୟେକ ମାଆ, ଯିଏ ନିଜେ ଭୋକିଲା ରହି ପୁଅକୁ ଶେଷ ଗ୍ରାସଟି ଖୁଆଏ। ମାଳତୀ ହେଉଛି ସେହି ପ୍ରତ୍ୟେକ ସ୍ତ୍ରୀ, ଯିଏ ଭଲପାଇବା ନପାଇ ମଧ୍ୟ ଭଲପାଇବା ଦେଇଚାଲେ। ଏବଂ ଏହି କାହାଣୀର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—ଆମେ ଏମିତି ମାଳତୀମାନଙ୍କୁ କେତେ ଦିନ ଆଉ ନିରବରେ କାନ୍ଦିବାକୁ ଦେବୁ ? ସିନ୍ଦୂରର ମୂଲ୍ୟ ଦୁଇ ଟଙ୍କା ହୋଇପାରେ, ଦହିବରା ଆଳୁଦମର ମୂଲ୍ୟ କିଛି ଟଙ୍କା ହୋଇପାରେ, କିନ୍ତୁ ଜଣେ ନାରୀର ସମ୍ମାନର ମୂଲ୍ୟ କେବେ ଦୁଇ ଟଙ୍କା ନୁହେଁ। ଜଣେ ମାଆର ଶ୍ରମର ମୂଲ୍ୟ କେବେ ଗୋଟିଏ ଦିନର ମଜୁରି ନୁହେଁ। ଜଣେ ସ୍ତ୍ରୀର ଭଲପାଇବାର ମୂଲ୍ୟ କେବେ ତା'ର ଶରୀର ନୁହେଁ। ଜଣେ ନାରୀ ପ୍ରଥମେ ମଣିଷ। ତା'ପରେ ସେ କାହାର ଝିଅ, କାହାର ସ୍ତ୍ରୀ, କାହାର ମାଆ। ତା'ର ନିଜ ଅସ୍ତିତ୍ୱ ଅଛି। ତା'ର ନିଜ ସ୍ୱପ୍ନ ଅଛି। ଏବଂ ସେହି ସ୍ୱପ୍ନକୁ ସମ୍ମାନ କରିବା ହିଁ ଏକ ସଭ୍ୟ ସମାଜର ପରିଚୟ। ମାଳତୀଙ୍କ ମାଥାରେ ସିନ୍ଦୂର ଥିଲା କି ନଥିଲା, ତା'ର ସ୍ୱାମୀ ତା'କୁ ଭଲପାଇଥିଲେ କି ନାହିଁ, ତା'ର ଜୀବନରେ କେତେ ଅଭାବ ଥିଲା—ଏସବୁଠାରୁ ବଡ଼ ସତ୍ୟ ହେଉଛି, ସେ ନିଜ ପୁଅର ମୁହଁରେ ହସ ଦେଖିବା ପାଇଁ ନିଜ ଜୀବନକୁ ଶ୍ରମରେ ଜଳାଇଦେଇଥିଲା। ଦୁଇ ଟଙ୍କାର ସିନ୍ଦୂର ତା'କୁ ମିଳିନଥିଲା, କିନ୍ତୁ ସେ ନିଜ ପୁଅର ଲଲାଟରେ ଭବିଷ୍ୟତର ସ୍ୱପ୍ନ ଲେଖିଦେଇଥିଲା। ନିଜେ ଦହିବରା ଖାଇନଥିଲା, କିନ୍ତୁ ପୁଅର ଥାଳିରେ ଖୁସି ପରସିଥିଲା। ଏହି ହେଉଛି ମାଆ। ଏହି ହେଉଛି ନାରୀ। ଏବଂ ଏହି ହେଉଛି ସେହି ଲୁହ, ଯାହାକୁ ଦେଖିବା ପୂର୍ବରୁ ଆମ ସମାଜକୁ ନିଜ ଆଖିରୁ ପରଦା ହଟାଇବାକୁ ପଡ଼ିବ।

## ବିକଳ୍ପ ବିଶ୍ୱ : ପିମ୍ପୁଡ଼ି, ଅସରପା ଓ କୀଟପତଙ୍ଗ ନାଁରେ ରାଜନୀତି

ଜନ୍ତରମନ୍ତରରେ ପ୍ରଶ୍ନପତ୍ର ପ୍ରଘଟ ନେଇ କ୍ରମାଗତ ଛାତ୍ର ଆନ୍ଦୋଳନ ଓ ଶେଷରେ ଦେଶର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୈତିକ ଇସ୍ତଫା ପରେ ଏବେ ସୁପ୍ରିମ୍ କୋର୍ଟ ବିଚାରପତି ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଏକ ମନ୍ତବ୍ୟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଚି। କଲେଜିୟମ ଦ୍ୱାରା ବିଚାରପତି ଚୟନର ଅସ୍ୱଚ୍ଛ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଜଷ୍ଟିସ ଭୂୟାଁ କହିଛନ୍ତି ଯେ ଏହି ପ୍ରକ୍ରିୟାରେ ଏଭଳି ଲୋକ ନ୍ୟାୟ ବ୍ୟବସ୍ଥାକୁ ପ୍ରବେଶ କରୁଛନ୍ତି ଯେଉଁମାନେ ଜନସମୁଦାୟକୁ 'ପିମ୍ପୁଡ଼ି' କହୁଛନ୍ତି। ଏହା ସଂପୂର୍ଣ୍ଣ ଅସାମ୍ବିଧାନିକ। ଏହା ଦ୍ୱାରା ଯୋଗ୍ୟ ବ୍ୟକ୍ତିମାନେ ବିଚାରପତି ଚୟନରୁ ଦୂରେଇ ରହୁଛନ୍ତି। ସାଧାରଣ ଲୋକେ ବିଚାର ବ୍ୟବସ୍ଥାର ସୁଫଳ ପାଉନାହାନ୍ତି। 'ଜୁଡିସିଆଲ ଟ୍ରନ୍ସପରେନ୍‌ସି ଇଣ୍ଡେକ୍ସ' ପୁସ୍ତକ ଉନ୍ମୋଚନ ଅବସରରେ ବିଚାରପତି ଭୂୟାଁଙ୍କ ଏପରି ମନ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ। ବିଚାରପତିମାନଙ୍କ ଚୟନ, ପଦୋନ୍ନତି ଓ ଗୋପନୀୟତା କେତେ ଯୁକ୍ତିଗତ ତାହା ପ୍ରଶ୍ନ କରିଛନ୍ତି ବିଚାରପତି ଭୂୟାଁ। ଏ ବିଷୟରେ ସୂଚନାଭିତ୍ତିକ ଆଲୋଚନା ଆବଶ୍ୟକ। ସୋସିଆଲ ମିଡିଆରେ ପ୍ରଶ୍ନ ହେଲାଣି- ଲୋକଙ୍କୁ ପିମ୍ପୁଡ଼ି କହୁଥିବା, ଭାବୁଥିବା ଲୋକେ କେମିତି ଓ କିପରି ବିଚାରପତି ହେଉଛନ୍ତି ? ଦେଶର ବିଭିନ୍ନ କୋର୍ଟ କଚେରିରେ ଏ ପର୍ଯ୍ୟନ୍ତ ପ୍ରାୟ ଛ' କୋଟିରୁ ଅଧିକ କେସ୍ ଫଇସଲା ନ ହୋଇ ପଡ଼ିରହିଚି। ଅନେକ କ୍ଷେତ୍ରରେ କେସ୍ ବିଚାର କରୁଥିବା ଓକିଲ, ମହକିଲ, ଏପରିକି ବିଚାରପତିମାନେ ବିଦାୟ ନେଲେଣି। ତେଣୁ ଏମାନଙ୍କୁ ଜନ୍ଦା, ପିମ୍ପୁଡ଼ି, କୀଟପତଙ୍ଗ କହି ତୁଚ୍ଛ ତାଚ୍ଛଲ୍ୟ କଲେ ଅବସ୍ଥା ସୁଧୁରିବ ନାହିଁ। ଗତ ଦଶ ବର୍ଷ ମଧ୍ୟରେ କୋର୍ଟ କଚେରିମାନଙ୍କରେ ଜମା ହେଲାଣି ଲକ୍ଷ ଲକ୍ଷ କେସ୍। ଯେଉଁମାନେ ଲୋକଙ୍କୁ ପିମ୍ପୁଡ଼ି କହୁଥିଲେ, ଏବେ ଲୋକେ ସେମାନଙ୍କୁ ଓଲଟା ପ୍ରଶ୍ନ ପଚାରିଲେଣି। ପିମ୍ପୁଡ଼ି ଏକ କୀଟପତଙ୍ଗ ଜାତୀୟ ପ୍ରାଣୀ, ଅତ୍ୟନ୍ତ ବଳଶାଳୀ, ତା'ର ଦୁଇଟା ପେଟ, ଲିଭର ନ ଥାଏ, ଶ୍ରବଣ ଶକ୍ତି ବି ନ ଥାଏ। କିନ୍ତୁ ପିମ୍ପୁଡ଼ି ଏକ ସାମାଜିକ ଜୀବ, ଗୋଷ୍ଠୀ ଜୀବନ ଭଲପାଏ, ସେ ଏକ ଶୃଙ୍ଖଳିତ କୀଟ। ପିମ୍ପୁଡ଼ି ଜୀବନରୁ ଆମେ ଅନେକ ଭଲ ଗୁଣ ଶିକ୍ଷା କରେ। ସେ କେବେହେଲେ ବାଟ ଭାଙ୍ଗି ଚାଲେନାହିଁ। ସେ ସଦା ଆତ୍ମନିର୍ଭରଶୀଳ, ଆତ୍ମସଂଯମର ପ୍ରତୀକ। ଏବେ ଅଳ୍ପ ଦିନ ହେଲା ଏକ ବ୍ୟଙ୍ଗାତ୍ମକ, ଯୁବକୈନ୍ଦ୍ରିକ, ସାମାଜିକ ଓ ନୂଆ ରାଜନୈତିକ ଦଳ ସୃଷ୍ଟି ହେଇଚି। ତା' ନାଁ ରଖାଯାଇଚି କକ୍ରୋଚ ଜନତା ପାର୍ଟି। ସାରା ଦେଶରେ ଏ ବିଷୟରେ ଚର୍ଚ୍ଚା ଆରମ୍ଭ ହେଲାଣି। ଏହାର ସ୍ଲୋଗାନ ହେଲା 'ମୁଁ ବି କକ୍ରୋଚ'। ପ୍ରଥମେ, ସୋସିଆଲ ମିଡିଆରେ ଏହାକୁ ଏକ ପ୍ରତିବାଦ ଆନ୍ଦୋଳନ ଭାବରେ ଆରମ୍ଭ କରାଯାଇଚି। ସମର୍ଥକମାନେ ଏହାକୁ ଅସନ୍ତୁଷ୍ଟ ଯୁବପିଢ଼ିର ପ୍ରତିବାଦର ସ୍ୱର ବୋଲି କହୁଛନ୍ତି। ଏହା ଥିଲା ବେକାରି ଓ ପ୍ରଚଳିତ ପରୀକ୍ଷା ବ୍ୟବସ୍ଥା ପ୍ରତି ଅସନ୍ତୋଷ ବ୍ୟକ୍ତ କରିବାର ଏକ ମାଧ୍ୟମ। ଆନ୍ଦୋଳନକାରୀମାନେ ଜନଆନ୍ଦୋଳନ ଭାବରେ ପରିଚାଳନା ଉଦ୍ୟମ ସତ୍ତ୍ୱେ ଏହା ନିଜକୁ ଦଳୀୟ ରାଜନୀତି ଠାରୁ ଦୂରେଇ ରଖିପାରିଲା ନାହିଁ। ଏହାଛଡ଼ା ପୁଲିସ ଓ ପ୍ରତିବାଦକାରୀ ମଧ୍ୟରେ ଉତେଜନା, ସଂଘର୍ଷ ଓ କେତେକ ରାଜନେ ?ତିକ ଦଳଙ୍କର ପ୍ରବେଶ ଫଳରେ, ଆନ୍ଦୋଳନ ନିଜର ନିରପେକ୍ଷତା ହରାଇଲା। ବିଦ୍ୟାର୍ଥୀମାନେ ବୋଧହୁଏ ଆନ୍ଦୋଳନକୁ ଶିକ୍ଷା ସଂସ୍କାରକୈନ୍ଦ୍ରିକ ରଖିପାରିଲେ ନାହିଁ। ମନ୍ତ୍ରୀ ଭାବରେ ପଦ ତ୍ୟାଗ ପରଦିନ ଶ୍ରୀ ପ୍ରଧାନଙ୍କୁ ଉତ୍ସାହର ସହ ପାର୍ଲାମେଂଟରେ ସ୍ୱାଗତ କରାଯାଇଥିଲା। ଏହା ଦ୍ୱାରା ମାନ୍ୟବର ସଦସ୍ୟମାନେ ନିଜ ନିଜର ରାଜନେ ?ତିକ ପରିପକ୍ୱତା ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ଉଚିତ ପଦକ୍ଷେପ ହେବ ଶିକ୍ଷାମନ୍ତ୍ରୀ ବିଭିନ୍ନ ଶିକ୍ଷା ବିଶେଷଜ୍ଞ, ପଲିସି ବିଶାରଦଙ୍କୁ ଡାକି ବିଚାର ଆଲୋଚନା କରନ୍ତୁ ଓ ସମୟାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତୁ। ପାର୍ଲାମେଂଟ ଲାଇବ୍ରେରି ଗବେଷଣାଗାରମାନଙ୍କରେ ବର୍ଷ ବର୍ଷ ଧରି ଏ ରିପୋର୍ଟ, ପଲିଟି ପେପର ପଡ଼ି ରହିଚି। ଏବେ ପ୍ରଶ୍ନ ହେଲାଣି ଲୋକଙ୍କୁ 'ପିମ୍ପୁଡ଼ି' କହୁଥିବା ବ୍ୟକ୍ତି କେମିତି ଉଚ୍ଚ ନ୍ୟାୟାଳୟମାନଙ୍କରେ ବିଚାରପତି ହେଉଛନ୍ତି। ସେମିତି କକ୍ରୋଚ ଜନତା ପାର୍ଟି କ'ଣ ନିର୍ବାଚନ କମିସନରେ ପଞ୍ଜୀକୃତ ଏକ ରାଜନୈତିକ ଦଳ ? ଭାରତ ନିର୍ବାଚନ କମିସନ ଅନୁସାରେ ଆମ ଦେଶରେ ଏବେ ଅଛନ୍ତି ଛ'ଟି ବଡ଼ ଜାତୀୟ ରାଜନୈତିକ ଦଳ, ୨୦ଟି ରାଜ୍ୟସ୍ତରୀୟ ଦଳ ଓ ପ୍ରାୟ ୨୦୦ରୁ ଅଧିକ ପଞ୍ଜୀକୃତ ଦଳ। ତା' ମଧ୍ୟରେ କକ୍ରୋଚ ଜନତା ଦଳର ନାଁ ନାହିଁ। ତେଣୁ କେବଳ ଜନ୍ତରମନ୍ତର ବା ମାଷ୍ଟରକ୍ୟାଂପିନ ଛକରେ ହଙ୍ଗାମା, ହୋହଲ୍ଲା କଲେ ଚଳିବ ନାହିଁ। ଉପଯୁକ୍ତ ତାଲିମ ଦେଇ ଏକ ସଂଗଠିତ ଢାଚାଂ ଗଢ଼ିବାକୁ ହେବ। ନ ହେଲେ କିଛି ବର୍ଷ ପରେ ଏହା ଜନମାନସରୁ ଅପସରିଯିବ। ସ୍ୱାଧୀନତା ପରେ ଭାରତରେ ଅନେକ ନୂଆ ରାଜନୈତିକ ଦଳଙ୍କର ଅପମୃତ୍ୟୁ ଘଟିଚି। ଓଡ଼ିଆ ଭାଷାରେ 'କକ୍ ?ରୋଚ'କୁ କହନ୍ତି ଅସରପା, ଘରେ ଘରେ ବୁଲୁଥାନ୍ତି। ବିଶେଷ କରି ରୋଷେଇ ଘରେ ଓ ଗାଧୁଆ ଘରେ। ପୃଥିବୀକୁ ଆସିଲେଣି ୩୦ ଲକ୍ଷ ବର୍ଷ ପୂର୍ବରୁ। ଛ'ଟା ଗୋଡ଼, ଦି'ଟା ଶୃଙ୍ଗ, ସଂଯୁକ୍ତ ଚକ୍ଷୁ ଓ ଅତି କ୍ଷୁଦ୍ର ଆଂଟେନା। ଅସରପାର ବାସସ୍ଥାନଗୁଡ଼ିକ ହେଲା- ଜଙ୍ଗଲ, ମରୁଭୂମି, ପାହାଡ଼ ଗୁମ୍ଫା, ପଡ଼ିଆ, ପଦର, ସହର ନଗର। କେବଳ ଆଟାଂର୍କଟିକା ଛଡ଼ା ଅସରପା ପୃଥିବୀର ପ୍ରାୟ ସବୁ ଅଚଂଳରେ ଥାନ୍ତି। ତେଣୁ ବେଳେବେଳେ, ଜୀବବିଜ୍ଞାନୀମାନେ ଅସରପାକୁ ଏକଦା ଓ ଏବେ ବି ଲୁପ୍ତ ସବୁଠାରୁ ବିଶାଳକାୟ ପ୍ରାଣୀ ଡାଇନୋସର ସହ ତୁଳନା କରିଥାନ୍ତି। ଏହି ସରୀସୃପ ପ୍ରାୟ ୨୦ କୋଟି ବର୍ଷ ପୂର୍ବେ ପୃଥିବୀପୃଷ୍ଠର ପ୍ରାଣୀ ଜଗତରେ ବିଚରଣ କରୁଥିଲା ବୋଲି ବିଶ୍ୱାସ କରାଯାଏ। ଏହା ଥିଲା ସବୁଠୁ ବିଶାଳକାୟ ଶାକାହାରୀ ପ୍ରାଣୀ। ଏହାର ବିଶାଳ ଆକାର ୪୦ ମିଟରରୁ ଅଧିକ ଥିଲା। କିନ୍ତୁ ଏହା ଅଣ୍ଡା ଦେଉଥିଲା। ଏକ ଅପ୍ରାକୃତିକ ଓ ଅପ୍ରତ୍ୟାଶିତ ବିପର୍ଯ୍ୟୟ ଫଳରେ ଅତି ବିଶାଳକାୟ ଡାଇନୋସର ପୃଥିବୀ ପୃଷ୍ଠରୁ ସବୁଦିନ ପାଇଁ ଲୋପ ପାଇଗଲା। ସମାଜବିଜ୍ଞାନୀମାନେ ପ୍ରଶ୍ନ କରନ୍ତି ଡାଇନୋସର ଏତେ ବିରାଟ ପ୍ରାଣୀ ହୋଇ କିପରି ଏତେ ଚଟଂଳ ଲୋପ ପାଇଗଲା, ଅଥଚ ତା'ଠାରୁ କ୍ଷୁଦ୍ରାତିକ୍ଷୁଦ୍ର ଅସରପା ବିଘଟନ ପ୍ରକ୍ରିୟାରୁ ବର୍ତିଗଲା ? ଏହା ଏବେ ବି ରହସ୍ୟମୟ। ଅସରପା ଜନତା ପାର୍ଟି ସଭ୍ୟମାନେ ଏ ସଂପର୍କରେ ଅଧିକ ବିଚାର ଆଲୋଚନା, ଗବେଷଣା କରନ୍ତୁ। ପ୍ରାୟ ଛ' କୋଟି ବର୍ଷ ପୂର୍ବେ ଡାଇନୋସର ସହ ପୃଥିବୀର ପ୍ରାୟ ୭୫ ଭାଗ ପ୍ରଜାତି ବିଲୁପ୍ତ ହୋଇ ଯାଇଥିଲେ। ଅସରପା ଓ ଅନ୍ୟାନ୍ୟ ଜୀବମାନେ ପରିବର୍ତ୍ତନର ବେଗ ସହ ତାଳଦେଇ ନିଜର ଆକାର, ଆଚାର ବ୍ୟବହାର ପରିବର୍ତ୍ତନ କରି ବଚଂଗଲେ। ଏଥିପାଇଁ ସେମାନେ ନିଜର ଖାଦ୍ୟ ଅଭ୍ୟାସ, ପ୍ରଜନନ କ୍ଷମତା ଓ ପରିବେଶ ସହ ଖାପ ଖୁଆଇ ସଂଘର୍ଷ କୌଶଳ ଶିଖିଲେ। ଏହି ପ୍ରକ୍ରିୟାରେ ବୃହତ୍‌କାୟ ଡାଇନୋସର ଲୋପ ପାଇଗଲା, ଜନ୍ଦା, ପିମ୍ପୁଡ଼ି, ଅସରପା ଓ କ୍ଷୁଦ୍ର କୀଟପତଙ୍ଗ ବଚଂଗଲେ। ବିବର୍ତ୍ତନବାଦର ବିଜୟ ହେଲା। ପ୍ରସିଦ୍ଧ ଅର୍ଥନୀତିଜ୍ଞ ଇ. ଏଫ୍. ସୁମାକର ଲେଖିଲେ- ସ୍ମଲ୍ ଇଜ ବିଉଟିଫୁଲ। କ୍ଷୁଦ୍ର ହିଁ ସୁନ୍ଦର। ଏହି କ୍ଷୁଦ୍ରତା ଭିତରେ ଏକ ବିଶାଳ ଦର୍ଶନ ରହିଚି। ଅଭିଜିତ ଦିପ୍‌କେ ଓ ତାଙ୍କ ସାଥି ସହଯୋଗୀ ଓ ଆମେ ସମସ୍ତେ ଅସରପାକୁ ଏକ ସାଧାରଣ କୀଟ ବଦଳରେ ଏକ ଜୀବନ ରାଜନୈତିକ ଦର୍ଶନ ଭାବରେ ଗ୍ରହଣ କରିବା ଠିକ୍ ହେବ। ପ୍ରଶ୍ନପତ୍ର ପ୍ରଘଟ ଏକ ବ୍ୟବସ୍ଥାଗତ ବିଫଳତା। ୧୯୬୮ ମସିହାରୁ ଭାରତରେ ବାରମ୍ବାର ନୂଆ ଶିକ୍ଷାନୀତି ପ୍ରଣୟନ ହେଲାଣି। ୧୯୯୨ରୁ ପ୍ରଥମ ଥର ପାଇଁ ପ୍ରୋଗ୍ରାମ ଅଫ ଆକ୍ ?ସନ ତିଆରି ସରିଲାଣି। ୨୦୨୦ରେ ସରକାର ନୂଆ ପଲିସି ଖସଡ଼ା ତିଆରି କରିସାରିଲେଣି। ଏ ଭିତରେ ଅସରପା ରାଜନୀତି ଓ ଶିକ୍ଷାମନ୍ତ୍ରୀଙ୍କ ବିଦାୟ। କୋଡ଼ିଲେ ଯେତିକି, ମାଡ଼ିଲେ ସେତିକି। ପିମ୍ପୁଡ଼ି ଏକ କୀଟପତଙ୍ଗ ଜାତୀୟ ପ୍ରାଣୀ, ଅତ୍ୟନ୍ତ ବଳଶାଳୀ, ତା'ର ଦୁଇଟା ପେଟ, ଲିଭର ନ ଥାଏ, ଶ୍ରବଣ ଶକ୍ତି ବି ନ ଥାଏ। କିନ୍ତୁ ପିମ୍ପୁଡ଼ି ଏକ ସାମାଜିକ ଜୀବ, ଗୋଷ୍ଠୀ ଜୀବନ ଭଲପାଏ, ସେ ଏକ ଶୃଙ୍ଖଳିତ କୀଟ। ପିମ୍ପୁଡ଼ି ଜୀବନରୁ ଆମେ ଅନେକ ଭଲ ଗୁଣ ଶିକ୍ଷା କରେ। ସେ କେବେହେଲେ ବାଟ ଭାଙ୍ଗି ଚାଲେନାହିଁ। ସେ ସଦା ଆତ୍ମନିର୍ଭରଶୀଳ, ଆତ୍ମସଂଯମର ପ୍ରତୀକ। ଏବେ ଅଳ୍ପ ଦିନ ହେଲା ଏକ ବ୍ୟଙ୍ଗାତ୍ମକ, ଯୁବକୈନ୍ଦ୍ରିକ, ସାମାଜିକ ଓ ନୂଆ ରାଜନୈତିକ ଦଳ ସୃଷ୍ଟି ହେଇଚି। ତା' ନାଁ ରଖାଯାଇଚି କକ୍ରୋଚ ଜନତା ପାର୍ଟି। ସାରା ଦେଶରେ ଏ ବିଷୟରେ ଚର୍ଚ୍ଚା ଆରମ୍ଭ ହେଲାଣି।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ରାସ୍ତା ଅଭାବକୁ ନେଇ ପଚାଂୟତରେ ତୀବ୍ର ଅସନ୍ତୋଷ :ରାସ୍ତାରେ ଧାନ ଗଛ ରୋଇ କଲେ ପ୍ରତିବାଦ

ସମ୍ବଲପୁର,୨୫/୮(ନି/ପ୍ର): ରାସ୍ତା ସମସ୍ୟା ନେଇ ଆଜି ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଖର୍ସନମାଲ୍ ପଂଚାୟତରେ ଦେଖିବାକୁ ମିଳିଛି ମହିଳାଙ୍କ ଅଭିନବ ପ୍ରତିବାଦ। ଏହି ପଂଚାୟତ ଅନ୍ତର୍ଗତ କାଣୀବନ୍ଧଲୀରୁ ବାଘଲତ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାଟି କାଦୁଅରେ ପଚପଚ ହୋଇ ପଡୁଥିବା ଥିବାବେଳେ ଲଗାଣ ବର୍ଷା ପରେ ପରବର୍ତୀ ଅବସ୍ଥା କହି ହେଉନାହିଁ। ରାସ୍ତା ସମସ୍ୟା କେବଳ କାଣୀବନ୍ଧଲୀ ବାଘଲତ ରାସ୍ତାରେ ସୀମିତ ନୁହେଁ, ଖର୍ସନମାଲ୍ ପଂଚାୟତର ଅନେକ ଗ୍ରାମୀଣ ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ସାହାଜବାହାଲ୍‌ରୁ ଟାଙ୍ଗରପାଲି, କୁମୁକାପାଲିରୁ ଖଇରମାଲ୍, ଭୁରୁରାପାଲରୁ କାଣୀବନ୍ଧଲୀ, କାଣୀବନ୍ଧଳୀରୁ ଖଡ଼ିଆପଡ଼ା ଏବଂ ଖର୍ସନମାଲ୍ ପଂଚାୟତ ଅଫିସରୁ ଖର୍ସନମାଲ୍ ଗାଁକୁ ଯାଇଥିବା ରାସ୍ତା ମଧ ଦୀର୍ଘଦିନ ଧରି ମରାମତି ଅପେକ୍ଷାରେ ରହିଥିବା ଅଭିଯୋଗ ହୋଇଛି। ବର୍ଷା ଋତୁରେ ଏହି ରାସ୍ତାଗୁଡ଼ିକରେ କାଦୁଅ ଓ ଖାଲଖମା ଯୋଗୁଁ ଯାତାୟାତ ଦୁର୍ବିସହ ହୋଇପଡୁଛି। ବାଘଲତ୍ ଗାଁର ଗୌନ୍ତିଆପଡ଼ା, ପୁଞ୍ଜିପତରପଡ଼ା, ମଝିପଡ଼ା ଓ ତଳିପଡ଼ାରେ ପ୍ରାୟ ୬୦ରୁ ୭୦ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ଗାଁରେ ଏକମାତ୍ର ଅଙ୍ଗନୱାଡ଼ି କେନ୍ଦ୍ର ଥିବାବେଳେ ଶିକ୍ଷା ପାଇଁ ପିଲାମାନଙ୍କୁ ବଡ଼ରମା, ଷଣ୍ଢପଥର ଓ ମୁଣ୍ଡେନପାଲି ଭଳି ଅଂଚଳର ହଷ୍ଟେଲରେ ଛାତ୍ରଛାତ୍ରୀ ରହିବାକୁ ବାଧ ହେଉଛନ୍ତି। ଗାଁକୁ ଯିବାପାଇଁ ଏହି ଏକମାତ୍ର ରାସ୍ତା ଭରସା ଥିବାବେଳେ ବର୍ଷା ହେଲେ ରାସ୍ତାରେ ଏତେ କାଦୁଅ ହୋଇଯାଏ ଯେ ଲୋକଙ୍କ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡ଼େ ବୋଲି ସବିତା, ଦମୟନ୍ତୀ ଓ ଭଳି ବହୁ ମହିଳା ଅଭିଯୋଗ ବାଢ଼ିଛନ୍ତି। ଏପରିକି ଲଗାଣ ବର୍ଷାରେ ଖାଲି ପାଦରେ ଚାଲିବା ମଧ କଷ୍ଟକର ହୋଇ ପଡ଼ିଥାଏ। ବାର୍ଦ୍ଧକ୍ୟ ଭତା ଠାରୁ ଆରମ୍ଭ କରି ବିପିଏଲ୍ ଚାଉଳ ପାଇଁ ପଂଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ଏହି ରାସ୍ତାଦେଇ ଯିବାକୁ ପଡ଼ିଥାଏ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୁଚିଣ୍ଡା ନିର୍ବାଚନମଣ୍ଡଳୀର ବିଧାୟକ ତଥା ପଂଚାୟତିରାଜ ଓ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ଜମନକିରା ବ୍ଲକ୍‌ରେ ଏଭଳି ମୌଳିକ ସମସ୍ୟାର ସମାଧାନ ଦିଗରେ ମନ୍ତ୍ରୀଙ୍କ ବ୍ୟସ୍ତ ବହୁଳ ସମୟ ଅଭାବ ଦର୍ଶାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅବଶ୍ୟ ନିର୍ବାଚନ ସମୟରେ ୮/୧୦ ଥର ଗାଁକୁ ଆସି ଶ୍ରୀ ନାଏକ ଏହି ମୁଖ୍ୟ ରାସ୍ତାର ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଉଥିଲେ ମଧ ନିର୍ବାଚିତ ପରେ ସମୟ ଅଭାବ ଯୋଗୁଁ ଏହି ରାସ୍ତାଟି ଅବହେଳିତ ହୋଇ ରହିଯାଇଛି। ଏହି ରାସ୍ତା ସମସ୍ୟା ନେଇ ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ ନୀରବଦ୍ରଷ୍ଟା ସାଜୁଥିବାରୁ ଆଜି ଆଜି ତଳିପଡ଼ା ଓ ବାଘଲତ୍ ଗାଁର ଶତାଧିକ ମହିଳା ପ୍ରତିକ୍ରିୟା ଜଣାଇ ରାସ୍ତା ମଝିରେ ଧାନ ରୋଇ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଏହି ଅଂଚଳର ନିର୍ବାଚିତ ବିଧାୟକ ରାଜ୍ୟ ମନ୍ତ୍ରିମଣ୍ଡଳର ଜଣେ ଟାଣୁଆ ମନ୍ତ୍ରୀ ଭାବେ ରାଜ୍ୟର କୋଣ ଅନୁକୋଣର କାର୍ଯ୍ୟକ୍ରମରେ ଯୋଗଦେଇ ପାରୁଛନ୍ତି। ମାତ୍ର ନିଜ ନିର୍ବାଚନ ମଣ୍ଡଳୀକୁ ଅଣଦେଖା କରିବା କେବେବି ଗ୍ରହଣୀୟ ନୁହେଁ ବୋଲି କିଛି ବିରୋଧି ରାଜନୈତିକ ଦଳର ବରିଷ୍ଠ କର୍ମୀ ସିଧା ସିଧା ଟେର୍ଚ୍ଛା ବାଣ ମାରିବା ଘଟଣା ବେଶ୍ ରୋଚକ ପରିସ୍ଥିତି ସୃଷ୍ଟି କରାଇଛି।

# ମୋବାଇଲ ମେଳାରେ ସମ୍ବଲପୁର ପୋଲିସ ଲୋକଙ୍କୁ ଫେରାଇଲା ଉଦ୍ଧାର ୪୫ ଲକ୍ଷ ଟଙ୍କା ଓ ୧୧୫ଟି ମୋବାଇଲ



ସମ୍ବଲପୁର,୨୫/୮(ନି/ପ୍ର): ବିଭିନ୍ନ ଅସମୟରେ ନାଗରିକଙ୍କର ହଜିଯାଇଥିବା ଓ ଚୋରି ହୋଇଥିବା ସମ୍ପତି ଉଦ୍ଧାର କ୍ଷେତ୍ରରେ ସମ୍ବଲପୁର ଜିଲ୍ଲା ପୋଲିସ ପ୍ରଯୁକ୍ତି ଭିତିକ ପଦକ୍ଷେପ ଜାରି ରଖିଛି। ଏହି ଅବସରରେ ପୋଲିସ ପ୍ରଶାସନ ପକ୍ଷରୁ ଆୟୋଜିତ 'ମୋବାଇଲ ମେଳା ୨.୦' ଅଭିଯାନ ଅଧୀନରେ ୧୧୫ଟି ହଜିଯାଇଥିବା ମୋବାଇଲ ଫୋନ୍ ଚିହ୍ନଟ କରି ଉଦ୍ଧାର କରାଯାଇଥିବାବେଳେ ବିଭିନ୍ନ ମାମଲାରେ ଉଦ୍ଧାର ହୋଇଥିବା ୪୫ ଲକ୍ଷ ଟଙ୍କା ପ୍ରକୃତ ଦାବିଦାରଙ୍କୁ ଆଜି ଫେରସ୍ତ କରାଯାଇଛି। ସଂଚାର ସାଥୀ ପଦକ୍ଷେପ ଅଧୀନରେ ଥିବା ସେଂଟ୍ରାଲ ଇକ୍ୱିପମେଂଟ ଆଇଡେଂଟିଟି ରେଜିଷ୍ଟାର ପୋର୍ଟାଲରେ ହଜିଯାଇଥିବା ମୋବାଇଲର ଆଇଏମ୍ଇଆଇ ନମ୍ବର ଅପଲୋଡ୍ କରି ପୋଲିସ ପକ୍ଷରୁ ନିୟମିତ ଭାବେ ଟେକ୍ନିକାଲ ଅନୁସନ୍ଧାନ କରାଯାଇଥିଲା। ଡିଭାଇସ୍‌ର କାର୍ଯ୍ୟକଳାପ ବିଶ୍ଳେଷଣ ଓ ସମ୍ପୃକ୍ତ ଅଧିକାରୀଙ୍କ ସମନ୍ୱୟରେ ୧୧୫ଟି ମୋବାଇଲ ଫୋନ୍ ଚିହ୍ନଟ ପରେ ଉଦ୍ଧାର କରାଯାଇଥିଲା। ଆଇନଗତ ପ୍ରକ୍ରିୟା ଶେଷ ପରେ ଏହି ମୋବାଇଲଗୁଡ଼ିକୁ ସେମାନଙ୍କ ପ୍ରକୃତ ମାଲିକଙ୍କୁ ଆଜି କ୍ରମାନ୍ୱୟରେ ହସ୍ତାନ୍ତର କରାଯାଉଛି। ସେହିପରି ବିଭିନ୍ନ କ୍ଷେତ୍ରରୁ ଉଦ୍ଧାର କରାଯାଇଥିବା ୪୫ ଲକ୍ଷ ଟଙ୍କା ମଧ ଫେରସ୍ତ କରାଯାଇଛି। ବିଭିନ୍ନ ମାମଲାରେ ଉଦ୍ଧାର ହୋଇଥିବା ମୋଟ ୪୫ ଲକ୍ଷ ଟଙ୍କା ପ୍ରକୃତ ଦାବିଦାରଙ୍କୁ ଫେରସ୍ତ କରାଯିବା ମଧରେ ରମେଶ ଚନ୍ଦ୍ର ବିଶ୍ୱାଳଙ୍କୁ ୧୬ ଲକ୍ଷ, ମାନସ କୁମାର ମୁଖୋପାଧ୍ୟାୟଙ୍କୁ ୧୨.୫୦ ଲକ୍ଷ, ଶ୍ୟାମ ଦୋରାଙ୍କୁ ୧୨ ଲକ୍ଷ ଏବଂ ଅଜୟ ମିଞ୍ଜଙ୍କୁ ୪.୫୦ ଲକ୍ଷ ଟଙ୍କା ଫେରସ୍ତ ଦିଆଯାଇଥିବା ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରଯୁକ୍ତି ଆଧାରିତ ତଦନ୍ତ, ଦ୍ରୁତ ସମ୍ପତି ଉଦ୍ଧାର ଓ ଦାୟିତ୍ୱଶୀଳ ପୋଲିସିଂ ପ୍ରତି ସମ୍ବଲପୁର ପୋଲିସର ପ୍ରତିବଦ୍ଧତାକୁ ଆଜି 'ମୋବାଇଲ ମେଳା ୨.୦'ର ସଫଳତା ପ୍ରତିଫଳିତ କରାଇଛି। ହଜିଯାଇଥିବା କିମ୍ବା ଚୋରି ହୋଇଥିବା ମୋବାଇଲ ସମ୍ପର୍କରେ ତୁରନ୍ତ ପୋଲିସକୁ ଜଣାଇବା ସହ ସଠିକ୍ ଆଇଏମ୍ଇଆଇ ନମ୍ବର ପ୍ରଦାନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ଜନ ସାଧାରଣଙ୍କୁ ଆହ୍ୱାନ କରାଯାଇଛି।

# କୀର୍ତନ ମଣ୍ଡପର ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ କଲେ ବିଧାୟକ

ଝାରସୁଗୁଡ଼ା,୨୫/୮(ନି/ପ୍ର): ଝାରସୁଗୁଡ଼ା ପୌରାଂଚଳ ଅନ୍ତର୍ଗତ ୮ ନମ୍ବର ୱାର୍ଡ ପଂଚପଡ଼ା ଗ୍ରାମରେ କୀର୍ତନ ମଣ୍ଡପର ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ରବିବାର ଏହାର ଶୁଭ ଉଦ୍ଘାଟନ କରିଛନ୍ତି। ବିଧାୟକ ଶ୍ରୀ ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ନିର୍ବାଚନ ପରେ ଗ୍ରାମବାସୀଙ୍କ ସହ ଆଲୋଚନା ସମୟରେ ଗ୍ରାମର ବିଭିନ୍ନ ଆବଶ୍ୟକତା ନେଇ ୧୦ଟି ପ୍ରମୁଖ ଦାବି ରଖାଯାଇଥିଲା। ସେଥିମଧ୍ୟରୁ ପ୍ରାୟ ୪ ରୁ ୫ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଗ୍ରାମର ରାସ୍ତାଘାଟ, ଗମନାଗମନ ଓ ସ୍ନାନଘାଟ ଆଦି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରାୟ ୧୫ ରୁ ୨୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହି କ୍ରମରେ ଗ୍ରାମବାସୀଙ୍କ ଦାବି ଅନୁସାରେ କୀର୍ତନ ମଣ୍ଡପର ଉନ୍ନତିକରଣ ଓ ରେଲିଂ ଲଗାଇବା ପାଇଁ ବିଧାୟକ ଲୋକସେବା ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପଂଚପଡ଼ାକୁ ଏକ ଆଦର୍ଶ ଗ୍ରାମ ଏବଂ ପୌରାଂଚଳର ଏକ ଆଦର୍ଶ ୱାର୍ଡରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ଓ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।



## ଚିନି ଦର ବୃଦ୍ଧି: କିଲୋପିଛା ୭୦ ଟଙ୍କା, ଖାଉଟି ଅସନ୍ତୁଷ୍ଟ

ନୂଆପଡ଼ା,୨୫/୮(ନି/ପ୍ର): ନୂଆପଡ଼ା ଜିଲ୍ଲାର ବିଭିନ୍ନ ସହରରେ ଚିନି ଦର ବୃଦ୍ଧି ପାଇ କିଲୋପିଛା ପ୍ରାୟ ୭୦ ଟଙ୍କାରେ ପହଂଚିଥିବାରୁ ଖାଉଟିଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଦୈନନ୍ଦିନ ରୋଷେଇ ଠାରୁ ଆରମ୍ଭ କରି ମିଠା, ଚା' ଓ ବିଭିନ୍ନ ଖାଦ୍ୟପଦାର୍ଥରେ ଚିନିର ବ୍ୟବହାର ହେଉଥିବାରୁ ଏହି ଦରବୃଦ୍ଧି ସିଧାସଳଖ ଭାବେ ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପକାଉଛି। ଚିନି ଦର ବଢ଼ିବା ଯୋଗୁଁ ସହରର ମିଠା ଦୋକାନୀ ମାନେ ଦର ବୃଦ୍ଧି କରି ଦେଇଥିବା ବେଳେ ଚା' ଦୋକାନୀମାନଙ୍କ ଖର୍ଚ୍ଚ ମଧ ବୃଦ୍ଧି ପାଇଛି। ଫଳରେ ଆଗାମୀ ଦିନରେ ନୂଆପଡ଼ା ଜିଲ୍ଲା ସହ ଖଡ଼ିଆଳ ସହରରେ ଚା' ଦର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଚିନି ସମେତ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ବଜାର ଯାଂଚ୍ କରାଯିବାକୁ ଖାଉଟିମାନେ ଦାବି କରିଛନ୍ତି। ଚିନି ଦର ହଠାତ୍ ବୃଦ୍ଧି ପାଇବାର ପ୍ରକୃତ କାରଣ ଓ ବଜାରରେ ଦର ନିର୍ଦ୍ଧାରଣ ଉପରେ ସମ୍ପୃକ୍ତ ବିଭାଗ ତଦାରଖ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ଯୋଗାଣ ନିରୀକ୍ଷକ ସୌମ୍ୟ ରଞ୍ଜନ ମହାନନ୍ଦଙ୍କୁ ଯୋଗାଯୋଗ କରାଯିବାରୁ ଚିନି ଦର ରୋକ କିମ୍ବା ଚଢଉ ଉପରେ ଆମକୁ ସରକାରୀ ସ୍ତରରେ କୌଣସି ସୂଚନା ଦିଆଯାଇନାହିଁ ବୋଲି ପ୍ରକାଶ କରିଥିଲେ।

## ସମ୍ବଲପୁର ସିଟି ଷ୍ଟେସନ ଏବଂ ସିଟି- ସରଳା ଦୋହରୀକରଣ କାର୍ଯ୍ୟର ସମୀକ୍ଷା

ସମ୍ବଲପୁର,୨୫/୮(ନି/ପ୍ର): ସମ୍ବଲପୁର ଡିଭିଜନ ରେଳ ମଣ୍ଡଳ ମ୍ୟାନେଜର ସୁବାଷ ଚନ୍ଦ୍ର ଚୌଧୁରୀ ସମ୍ବଲପୁର ସିଟି ରେଳ ଷ୍ଟେସନ ଏବଂ ସମ୍ବଲପୁର ସିଟି- ସରଳା ଦୋହରୀକରଣ କାର୍ଯ୍ୟକୁ ନିରୀକ୍ଷଣ କରିଛନ୍ତି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ସେ ଯାତ୍ରୀ ସୁବିଧାର ସ୍ଥିତି ମୂଲ୍ୟାଙ୍କନ କଲେ ଏବଂ ଷ୍ଟେସନରେ ସ୍ଥାୟୀ ସମ୍ପତି, କାର୍ଯ୍ୟକ୍ଷମ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସୁବିଧା ଯାଂଚ କରିଥିଲେ। ଶ୍ରୀ ଚୌଧୁରୀ ରେଳ କର୍ମଚାରୀଙ୍କ ସହିତ ମଧ ଆଲୋଚନା କରି ଏବଂ ସେମାନଙ୍କର କାର୍ଯ୍ୟ ପରିସ୍ଥିତି ସମୀକ୍ଷା କରିଥିଲେ। ଡିଆରଏମ ସମସ୍ତ ଚାଲୁଥିବା ବିକାଶମୂଳକ ଏବଂ ଭିତିଭୂମି କାର୍ଯ୍ୟଗୁଡ଼ିକୁ ସମୟ ସୀମାରେ ସମାପ୍ତ କରିବା ସହିତ ଗୁଣବତା ଏବଂ ସୁରକ୍ଷା ମାନଦଣ୍ଡର ପାଳନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ପୂର୍ବତନ ବରିଷ୍ଠ କିରାଣୀଙ୍କ ପରଲୋକ

ଝାରସୁଗୁଡ଼ା,୨୫/୮(ନି/ପ୍ର): ଝାରସୁଗୁଡ଼ା ସହରର ପୁରୁଣାବସ୍ତି ନିବାସୀ, ଝାରସୁଗୁଡ଼ା ପୌର ପରିଷଦର ପୂର୍ବତନ ବରିଷ୍ଠ କିରାଣୀ ତଥା ବରିଷ୍ଠ ପଣ୍ଡିତ ପୂର୍ଣ୍ଣାନନ୍ଦ ମହାପାତ୍ର (୮୫)ଙ୍କର ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ପୌର ପରିଷଦର ଜଣେ କର୍ତବ୍ୟନିଷ୍ଠ କିରାଣୀ ଏବଂ ଜଣେ ଜ୍ଞାନୀ ପଣ୍ଡିତ ଭାବେ ଝାରସୁଗୁଡ଼ା ସହରରେ ତାଙ୍କର ଅଗାଧ ପ୍ରତିଷ୍ଠା ଓ ସୁନାମ ରହିଥିଲା। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟ ପରିଜନ ଉପସ୍ଥିତ ଥିଲେ। ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଏକମାତ୍ର ପୁତ୍ର ଦିଲ୍ଲୀପ ମହାପାତ୍ର ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସମଗ୍ର ଝାରସୁଗୁଡ଼ା ଅଂଚଳରେ ଶୋକର ଲହରୀ ଖେଳିଯାଇଛି। ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଟଙ୍କଧରଙ୍କ ନେତୃତ୍ୱରେ ଆସ୍ଥା

## ବିଜେପିରେ ମିଶିଲେ ୩୦ରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମୀ



ଝାରସୁଗୁଡ଼ା,୨୫/୮(ନି/ପ୍ର): ଝାରସୁଗୁଡ଼ା ବିଟିଏମସ୍ଥିତ ବିଜେପି କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ କୋଲାବିରା ବ୍ଲକ ଅଂଚଳର ୩୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ଝାରସୁଗୁଡ଼ା ବ୍ଲକ ପତ୍ରାପାଲି ଗ୍ରାମପଂଚାୟତର ଅମିତ ନାଗ ଓ ଧୀରେନ୍ଦ୍ର ପଧାନଙ୍କ ନେତୃତ୍ୱରେ ଏହି ଦଳବଦଳ କାର୍ଯ୍ୟକ୍ରମ ହୋଇଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଜେପି ନେତା ହେମରଞ୍ଜନ ସିଂ, ଶଙ୍କର ଦେଓ ଓ ଜୟପ୍ରକାଶ ପାତ୍ରଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶପ୍ରେମ, ବିକାଶମୂଳକ ନୀତି ଏବଂ ଭାରତକୁ ବିଶ୍ୱର ଶୀର୍ଷସ୍ଥାନରେ ପହଂଚାଇବାର ପ୍ରୟାସରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦେଇଥିବା କହିଥିଲେ। ଏଥିସହ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନିଷ୍କପଟ ଜନସେବା ଓ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଏହି ନିଷ୍ପତି ନେଇଥିବା ସେମାନେ ପ୍ରକାଶ କରିଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ ନୂତନ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ମିଶ୍ରଣ ଫଳରେ କୋଲାବିରା ଅଂଚଳରେ ବିଜେପିର ସଂଗଠନ ଆହୁରି ମଜବୁତ ହେବ ବୋଲି ଆଶା ପ୍ରକଟ କରିଥିଲେ। ଏହାଦ୍ୱାରା ଦଳୀୟ କର୍ମୀଙ୍କ ମଧରେ ନୂତନ ଉତ୍ସାହ ସୃଷ୍ଟି ହେବ ବୋଲି ସେ କହିଥିଲେ।

# ଜୟପୁରରେ ବଜାରରେ ବଢୁଛି ପାଉଡର ପନିର ବ୍ୟବସାୟ

ଜୟପୁର,୨୫/୮(ନି/ପ୍ର): କୋରାପୁଟ ଜିଲାରେ ବଢୁଛି ପାଉଡର ପନିର କାରବାର। ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ ସୁନାବେଢା, ଦାମନଯୋଡିରେ ପାଉଡର ପନିରର ବ୍ୟବସାୟ ଚାଲୁଥିବା ଅଭିଯୋଗ ହେଉଛି। ଆଉ ୫ ଦିନ ପରେ ବହୁ ପ୍ରତୀକ୍ଷିତ ରାକ୍ଷୀ ପୂର୍ଣ୍ଣିମା। ପରମ୍ପରା ଅନୁଯାୟୀ ଏହି ପର୍ବରେ ଘରେ ଘରେ ପିଠାପଣାର ଆସର ଜମିଥାଏ। ବର୍ତମାନ ଭଉଣୀମାନେ ଭାଇକୁ ରାକ୍ଷୀ ବାନ୍ଧିବା ବେଳେ ପାରମ୍ପରିକ ପିଠା ବଦଳରେ ସୁସ୍ୱାଦୁ ମିଠା ଖୁଆଇବାକୁ ପସନ୍ଦ କରୁଛନ୍ତି କିନ୍ତୁ ଏହି ମିଠାଗୁଡ଼ିକ କେଉଁ ଉପାଦାନରୁ ପ୍ରସ୍ତୁତ ହେଉଛି, ତାହା ପ୍ରାୟ ଲୋକେ ଜାଣନ୍ତି ନାହିଁ। ଏବେ ବଜାରରେ ପାଉଡର କ୍ଷୀରରୁ ପ୍ରସ୍ତୁତ ଛେନା, ପନିର ମିଳୁଛି। ଯାହା ଜହର ଠାରୁ କୌଣସି ଗୁଣରେ କମ୍ ନୁହେଁ। ସେଗୁଡ଼ିକର ବିକ୍ରି ଉପରେ ନିଷେଧାଜ୍ଞା ଜାରି କରାଯାଇଛି। କିଛି ବ୍ୟବସାୟୀ ଏହାକୁ ଲୁଚାଛପାରେ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ମାତ୍ର ସେଗୁଡ଼ିକ ଉପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ନିୟମିତ ଚଢ଼ଉ ହେଉ ନାହିଁ। ଫଳରେ ପ୍ରତ୍ୟେକ ଦିନ ସହରକୁ କ୍ୱିଂଟାଲ କ୍ୱିଂଟାଲ ପାଉଡରରୁ ତିଆରି ଛେନା ଆସୁଛି। ସେଭଳି କିଛି ଛେନା ମଧ ବାହାର ରାଜ୍ୟରୁ ଆସୁଛି। ଏହି ପାଉଡର ଛେନାରୁ ପ୍ରସ୍ତୁତ ମିଠା ଜାତୀୟ ଖାଦ୍ୟ ପଦାର୍ଥ ଖାଇ ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି। କୋରାପୁଟ ଜିଲା ଜୟପୁର ସହରରେ ପ୍ରତିଦିନ ଯେତିକି ମିଠା ଜାତୀୟ ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇଥାଏ ସେଥିରୁ ପ୍ରାୟ ୭୦ ପ୍ରତିଶତ ପାଉଡର କ୍ଷୀରରୁ ପ୍ରସ୍ତୁତ ହୋଇଥାଏ କିନ୍ତୁ ରାକ୍ଷୀ ପୂର୍ଣ୍ଣିମା ସମୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ପ୍ରତ୍ୟେକ ଦିନ ଯେତିକି ମିଠା ପ୍ରସ୍ତୁତ ହୋଇଥାଏ। କେବଳ ରାକ୍ଷୀ ପୂର୍ଣ୍ଣିମା ଦିନ ଏହା ଠାରୁ ପ୍ରାୟ ଶହେ ଗୁଣ ଅଧିକ ମିଠା ଜାତୀୟ ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇଥାଏ। ରାକ୍ଷୀ ପୂର୍ଣ୍ଣିମା ଦିନ ମିଠାର ଚାହିଦା ଢ଼େର ବଢ଼ିଯାଇଥାଏ। ଏହି ଚାହିଦାକୁ ମେଟାଂଇବା ପାଇଁ ବ୍ୟବସାୟୀମାନେ ପାଉଡର କ୍ଷୀରର ସହାୟତା ନେଇଥାନ୍ତି। ଏନେଇ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଖବର ଥାଇ ମଧ ନିୟମିତ ଚଢ଼ଉ ହେଉ ନାହିଁ। ଏହି ବେଆଇନ ପାଉଡର କ୍ଷୀର ବ୍ୟବସାୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗାଈ କ୍ଷୀରରୁ ପ୍ରସ୍ତୁତ ଖାଦ୍ୟ ବଦଳରେ ପାଉଡର କ୍ଷୀରରୁ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ପେଟରୋଗ ବଢ଼ିଥାଏ। ଲୋକେ ଏଭଳି ଭେଜାଲ ଖାଦ୍ୟକୁ ବର୍ଜନ କରିବା ସହ ପାରମ୍ପରିକ ମିଠାକୁ ଆପଣାଇ ପାରିଲେ ଶରୀର ସୁସ୍ଥ ରହିବା ସହ ଆମ ପରମ୍ପରା ମଧ ବଂଚି ରହିପାରିବ ବୋଲି ସଚେତନ ନାଗରିକ ମାନେ ମତ ପ୍ରକାଶ କରିଛନ୍ତି। ରାକ୍ଷୀ ପୂର୍ଣ୍ଣିମା ପାଇଁ ବେଆଇନ ପାଉଡରରୁ ପ୍ରସ୍ତୁତ କ୍ଷୀର, ଛେନା, ପନିର ଏବଂ ମିଠା ଜାତୀୟ ଖାଦ୍ୟ ପଦାର୍ଥ ଉପରେ କଡା ନଜର ରଖିବା ସହ ଚଢଉକୁ ଜୋରସୋର କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି।

# ସ୍କୁଲରେ ଶିକ୍ଷକ ଅଭାବର ପ୍ରତିବାଦ

## ଏଡିଇଓ ଓ ବିଇଓଙ୍କୁ ସ୍କୁଲ ଭିତରେ ତାଲାପକାଇଲେ ଛାତ୍ରଛାତ୍ରୀ




ଭଦ୍ରକ/ରାଣୀତାଲ,୨୫/୮(ନି/ପ୍ର): ଭଦ୍ରକର ତଲାଙ୍ଗ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକଙ୍କ ଠାରୁ କମ ସଂଖ୍ୟକ ଶିକ୍ଷକ ଥିବାରୁ ୩ ଶହରୁ ଅଧିକ ଛାତ୍ର ଛାତ୍ରୀଙ୍କ ପାଠ ପଢାରେ ନାହିଁ ନଥିବା ଅସୁବିଧା ହେଉଥିଲା। ଆବଶ୍ୟକ ଶିକ୍ଷକ ନଥିବାରୁ ପାଠ ପଢ଼ା ଠିକଣା ସମୟରେ ଶେଷ ହୋଇପାରୁନଥିଲା। ସମସ୍ୟା ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଜିଲା ଶିକ୍ଷା ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ଠାରେ ବାରମ୍ବାର ଅଭିଯୋଗ କରି ବିଫଳ ହୋଇଥିଲେ। ଆଜି ଧୈ ?ର୍ଯ୍ୟହରା ହୋଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ଏପରିକି ସେମାନଙ୍କୁ ବୁଝାଇବାକୁ ଯାଇଥିବା ଏଡିଇଓ ଓ ବିଇଓଙ୍କୁ ମଧ ସ୍କୁଲ ମଧରେ ଅଟକ ରଖିଛନ୍ତି। ସୂଚନାନୁସାରେ, ଆଜି (ସୋମବାର) ଭଦ୍ରକ ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁ ଓ ଭଦ୍ରକ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ ତଲଙ୍ଗ ହାଇସ୍କୁଲକୁ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସ୍କୁଲର ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି, 'ଆମକୁ ପାଠ ପଢ଼ିବାର ଅଧିକାର ଦିଅ। ଆମ ପାଠ ପଢା ପାଇଁ ଶିକ୍ଷକ ଦିଅ' ସ୍ଲୋଗାନ୍ ଦେଇ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ସ୍କୁଲ ଭିତରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ରହିଯାଇଥିଲେ। ଅଭିଭାବକମାନେ ମଧ ଛାତ୍ରଛାତ୍ରୀଙ୍କ ଧାରଣାରେ ଯୋଗ ଦେଇଥିଲେ। ଫଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ସ୍କୁଲ ଭିତରେ ଏହି ଦୁଇ ଅଧିକାରୀ ବହୁ ସମୟ ରହିବା ପରେ ମଧ ଅଭିଭାବକ ମାନେ ସେମାନଙ୍କ ଜିଦ ରେ ଅଟଳ ରହିଥିଲେ। ପରିସ୍ଥିତି ଅଧିକ ଜଟିଳ ହେବା ପରେ ଘଟଣାସ୍ଥଳରେ ଭଦ୍ରକ ଗ୍ରାମା ଁଳ ପୁଲିସ ପହଚିଂ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। ଦୁଇ ଶିକ୍ଷା ଅଧିକାରୀଙ୍କୁ ସ୍କୁଲ ଭିତରୁ ବାହାରକୁ ଛଡ଼ାଯାଇଥିଲା। ଖୁବ ଶୀଘ୍ର ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ଅଭିଭାବକମାନେ ପ୍ରତିଶ୍ରୁତି ଦେଇଛନ୍ତି।

# ଅଦରକାରୀ କାଗଜ, ପତ୍ର, କାଠ ଆଦିରେ ତିଆରି କରୁଛନ୍ତି ଡ଼ଟ୍ ପେନ

ନୂଆପଡ଼ା,୨୫/୮(ନି/ପ୍ର): ଏବେ ସବୁଠି ବୃଦ୍ଧି ପାଉଛି ପ୍ଲାଷ୍ଟିକର ବ୍ୟବହାର। ଆମ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ଏମିତି ଜଡ଼ିତ ହୋଇଯାଇଛି ଯେ ନା ତାକୁ ରଖି ହେଉଛି ନା ଛାଡି ହେଉଛି। ଘରକରଣା ସାମଗ୍ରୀ ସହ ବିଭିନ୍ନ ସୌଖିନ ଜିନିଷ ସବୁ ପ୍ଲାଷ୍ଟିକରେ ତିଆରି ହେଉଛି। ଏହା କିନ୍ତୁ ପରିବେଶ ପାଇଁ ଅତ୍ୟନ୍ତ ବିପଦ ଜନକ। ମାଟିରେ ଏହା ମିଶୁ ନଥିବାରୁ ପ୍ରଦୂଷଣ ବୃଦ୍ଧି କରୁଛି ଓ ପ୍ରାଣୀ ଜଗତ ପାଇଁ ବିପଦ ଟାଣି ଆଣୁଛି। ବିଶେଷ କରି ଆମେ ପ୍ରତ୍ୟେକ ଦିନ ବ୍ୟବହାର କରୁଥିବା ଡ଼ଟ୍ ପେନ୍ ପରିବେଶ ପ୍ରଦୂଷଣର ମୁଖ୍ୟ ଭୂମିକା ନିର୍ବାହ କରୁଛି। ଏହାର ମୁକାବିଲା ପାଇଁ ଜଣେ ଯୁବକ ଏବେ କାଗଜ, ପତ୍ର, କାଠ ଆଦିରେ ତିଆରି କରୁଛନ୍ତି ଡ଼ଟ୍ ପେନ୍। ଅଦରକାରୀ କାଗଜ ଶହ ବାଉଁଶ ଓ ପତ୍ରରେ ଡ଼ଟ୍ ପେନ୍ ତିଆରି କରି ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଅଟାଂ ଭିଡିଛନ୍ତି ଜଣେ ଯୁବକ ଆଉ ଏହାକୁ ବହୁଳ ବ୍ୟବହାର ଓ ନିର୍ମାଣ ପାଇଁ ଏସଏଚଜି ଗ୍ରୁପର ମହିଳା ମାନଙ୍କୁ ମଧ ଦେଉଛନ୍ତି ତାଲିମ। ଏପରି ମହତ୍ ଉଦ୍ଦେଶ୍ୟରେ ଲାଗି ପଡ଼ିଥିବା ଯୁବକ ଜଣକ ହେଉଛନ୍ତି ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକର ନେହେନା ଗାଁରେ ରହୁଥିବା ପ୍ରଭାକର ଦଣ୍ଡସେନା ଓ ତାଙ୍କ ଧର୍ମପତ୍ନୀ ସୌଭାଗିନୀ ଦଣ୍ଡସେନା। ପ୍ରଭାକର ଜଣେ ଓକିଲ। ଆଇନକୁ ପେଶା ଭାବରେ ଗ୍ରହଣ କରିଥିବା ପ୍ରଭାକରଙ୍କ ନିଶା କିନ୍ତୁ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା। ବିଶେଷ କରି ଆମେ ବ୍ୟବହାର କରୁଥିବା ଡ଼ଟ୍ ପେନକୁ ନେଇ ତାଙ୍କରି ଅନେକ ଚିନ୍ତା। ସେ କହନ୍ତି ଆମ ଦେଶରେ ପ୍ରତିଦିନ ଅଶି ଟନ ଓ ବର୍ଷକୁ ତିରିଶ ହଜାର ମ୍ୟାଟ୍ରିକ ଟନ ପ୍ଲାଷ୍ଟିକ ଡ଼ଟ୍ ପେନ୍ ବ୍ୟବହାର କରାଯାଏ। ଯାହାକୁ ବ୍ୟବହାର କରି ଫିଙ୍ଗି ଦିଆଯାଏ ଓ ତାହା ଆବର୍ଜନାରେ ପରିଣତ ହୁଏ। ଏହା ମାଟିରେ ମିଶୁ ନଥିବାରୁ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ପାଲଟି ଯାଏ। ଏହା ତାଙ୍କୁ ଚିନ୍ତାରେ ପକାଇ ଥିବାରୁ ସେ ପରିବେଶ ଅନୁକୂଳ ଡ଼ଟ୍ ପେନ୍ ନିର୍ମାଣ ପାଇଁ ଚିନ୍ତା କଲେ। ଏହି ନୂଆ ଚିନ୍ତା ଧାରାରେ ଗୁଣ୍ଡୁଚି ମୂଷା ଭଳି ପରିବେଶ ସୁରକ୍ଷା ପାଇଁ ଅଂଟା ଭିଡିଛନ୍ତି। ଅଦରକାରୀ କାଗଜ ସହ ବାଉଁଶ ଓ ତାଳପତ୍ର ଦ୍ୱାରା ଡ଼ଟ୍ ପେନ୍ ନିର୍ମାଣ କଲେ। ପରେ ଗ୍ରାମର ମାଆ ଗାୟତ୍ରୀ ଏସଏଚଜି ମହିଳାଙ୍କୁ ଏହା ଶିଖାଇଲେ। ସେ ଡ଼ଟ୍ ପେନ୍ ତିଆରି କରି ସେହି ଡ଼ଟ୍ ପେନ୍ ରେ ପିଜୁଳି, ଲେମ୍ବୁ, କମଳା, ଡାଳିମ୍ବ ଭଳି ମଞ୍ଜିକୁ ଖଞ୍ଜି ଦିଅନ୍ତି। ଯାହାଦ୍ୱାରା ତାକୁ ବ୍ୟବହାର ପରେ ଫିଙ୍ଗିଦେଲେ ସେଇଠୁ ଗଛଟିଏ ମଧ ସୃଷ୍ଟି ହେବ। ଏହି ଡ଼ଟ୍ ପେନ୍ ବହୁତ୍ ସୁନ୍ଦର ଓ ଲେଖିବାକୁ ଭଲ ବୋଲି ଛାତ୍ର ଛାତ୍ରୀ ମାନେ କହିଛନ୍ତି। ଆମ ଯେତେ ସଂଖ୍ୟାରେ ପ୍ଲାଷ୍ଟିକ ପେନ୍ ବ୍ୟବହାର କରୁଛୁ। ତାହା ବ୍ୟବହାର ପରେ ଆମେ ଫିଙ୍ଗି ଦେଉ ଫଳରେ ଏହି ପ୍ଲାଷ୍ଟିକ ପେନ୍ ଆମ ପରିବେଶକୁ ନଷ୍ଟ କରୁଛି। ଏହି ପ୍ଲାଷ୍ଟିକ ପେନ୍ ବଦଳରେ ଯଦି କାଗଜ ବାଉଁଶ ଓ ପତ୍ରରେ ତିଆରି ଡ଼ଟ୍ ପେନ୍ ବ୍ୟବହାର ହୁଏ ଆମ ପରିବେଶ ସୁରକ୍ଷିତ ହେବ। ଏହି ପେନ୍ ବ୍ୟବହୃତ ପରେ ଫିଙ୍ଗି ଦେଲେ ସେଥିରୁ ଏକ ଗଛ ସୃଷ୍ଟି ହେବ। ଏହାକୁ ଦୃଷ୍ଟି ଦେଇ ପ୍ରତିଦିନ ନେହେନା ଗାଁ ର ବିଭିନ୍ନ ଏସଏଚଜି ଗ୍ରୁପର ୧୦ ଜଣ ମହିଳା ଡ଼ଟ୍ ପେନ୍ ତିଆରି କରୁଛନ୍ତି। ଏହି ପେନ୍ ର ବହୁଳ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ଏହି ଡ଼ଟ୍ ପାଇଁ ପ୍ରଭାକର ହାତରୁ ଖର୍ଚ୍ଚ କରୁଛନ୍ତି ଓ ଲୋକଙ୍କୁ ବାଂଟୁଛନ୍ତି। ସରକାରୀ ପ୍ରୋତ୍ସାହନ ମିଳିଲେ ଏହାର ପ୍ରଚାର ପ୍ରସାର ସହ ସେମାନେ ଦୁଇ ପଇସା ରୋଜଗାର କରି ପାରନ୍ତେ ବୋଲି ସେ କହନ୍ତି।




# ବୀରମିତ୍ରପୁର ଟାଉନ ହଲଠାରେ ଜନ ଶୁଣାଣିରେ ବିଧାୟକ



ବୀରମିତ୍ରପୁର,୨୫/୮(ନି/ପ୍ର):ବୀରମିତ୍ରପୁର ଟାଉନ ହଲ ଠାରେ ବିଧାୟକଙ୍କରେ ଜନ ଶୁଣାଣି ହୋଇଯାଇଛି। ଏଥିରେ ବୀରମିତ୍ରପୁର ବିଧାୟକ ଶ୍ରୀ ରୋହିତ ଜୋସେଫ ତିର୍କୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୨୪୧ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ। ୨୩୫ ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୬ ଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୧୦ ଗୋଟି ଅଭିଯୋଗ ର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ଆବାସ ଯୋଜନା, ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଜନ ଅଭିଯୋଗ ଶୁଣାଣି ରେ ବୀରମିତ୍ରପୁର ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ୟାଶିର ବିଲାଲ ଅହମଦ, ବୀରମିତ୍ରପୁର ଅତାରିକ ତହସିଲଦାର ଚନ୍ଦନ ମହାପାତ୍ର, ବୀରମିତ୍ରପୁର ସରକାର ଡାକ୍ତରଖାନା ର ପ୍ରିୟଙ୍କା ଦେହୁରୀ, ବିଧାୟକ ପ୍ରତିନିଧି ଶଶି ସାଗର, ନଗର ସଭାପତି କୁନା ଦେଓ ବିଧାୟକଙ୍କ ଆଇନଗତ ପରାମର୍ଶଦାତା ମହମ୍ମଦ ଏଜାଜ ଆଲମ, ବୀରମିତ୍ରପୁର ମୁନିସିପାଲିଟି ର ଉପାଧ୍ୟକ୍ଷା ନିବେଦିତା ବାଗେ, ୱାର୍ଡ କାଉନସିଲର ନିର୍ମଳା କୁଜିର, ଜ୍ୟୋତି କେରକେଟା, କମଲେଶ ସିଂ, ବରିଷ୍ଠ ନାଗରିକ ଜଗଦୀଶ ଅଗ୍ରୱାଲ, ପ୍ରମୋଦ ବୁଢ଼ା, ଜାନୁ, ସାକିବ, ବଂଟି, ମାନସ, ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୀରମିତ୍ରପୁର ଠାରେ ପ୍ରଥମ ଥରେ ବିଧାୟକ ଙ୍କ ଜନ ଶୁଣାଣି ହାଇଥିବାରୁ ବିଧାୟକ ଙ୍କ ଜନ ସାଧାରଣ ମାନେ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି ।

# ୩୨ତମ ରାଜ୍ୟ ଉଷୁ ପ୍ରତିଯୋଗିତା ଉଦ୍‌ଯାପିତ

## ଜୁନିୟରରେ ଦଳଗତ ବିଜେତା, ସିନିୟରରେ ଉପବିଜେତା ଭାବେ ଟ୍ରଫି ହାତେଇଲା ସୁନ୍ଦରଗଡ଼ ଉଷୁ ଦଳ



ରାଉରକେଲା,୨୫/୮(ନି/ପ୍ର): ବେଲପାହାଡ଼ ସ୍ଥିତ ହୋଟେଲ ସନ୍‌ସିଟି ପ୍ୟାଲେସ୍‌ଠାରେ ତିନିଦିନ ଧରି ଚାଲିଥିବା ୩୨ତମ ଓଡ଼ିଶା ରାଜ୍ୟ ଉଷୁ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାରୁ ପ୍ରାୟ ୪୦୦ ଜଣ କ୍ରୀଡ଼ାବିତ୍ ଓ ୫୦ ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ସ୍ପୋର୍ଟସ ଉଷୁ ଆସୋସିଏସନ୍ ଅଫ୍ ସୁନ୍ଦରଗଡ଼ (ୱଡଇୱ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରୁ ୪୫ ଜଣ କ୍ରୀଡ଼ାବିତ୍ ଏବଂ ୨ ଜଣ ଅଧିକାରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜୁନିୟର ବର୍ଗରେ ସୁନ୍ଦରଗଡ଼ ଦଳ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରି ୭ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ ହାସଲ କରିବା ସହ ଦଳଗତ ବିଜେତା ଟ୍ରଫି କ୍ରମାଗତ ଦ୍ୱିତୀୟ ଥର ପାଇଁ ହାତେଇଛି। ସେହିପରି ସିନିୟର ବର୍ଗରେ ୮ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ହାସଲ କରି ଦଳଗତ ଉପବିଜେତା ଟ୍ରଫି ଅର୍ଜନ କରିଛି। ସବ୍-ଜୁନିୟର ବର୍ଗରେ ସୁନ୍ଦରଗଡ଼ ଦଳ ୭ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ହାସଲ କରି ୪ର୍ଥ ସ୍ଥାନରେ ରହିଛି। ଜିଲ୍ଲା ଉଷୁ ସଂଘର ସାଧାରଣ ସମ୍ପାଦକ ସୁଜନ ରଥଙ୍କ ସମେତ ଉପସଭାପତି ଟିକା ବାହାଦୁର ପ୍ରତିଯୋଗିତାରେ ଟେକ୍ନିକାଲ୍ ଅଫିସିଆଲ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ସୁନ୍ଦରଗଡ଼ ଉଷୁ ଦଳର ଏହି ସଫଳତା ପାଇଁ ଜିଲ୍ଲା ଉଷୁ ସଂଘର ସଭାପତି ବିରଚିଂ ନାରାୟଣ ପଟ୍ଟନାୟକ, ଡେପୁଟି ଡାଇରେକ୍ଟର ଅଫ୍ ସ୍ପୋର୍ଟସ୍ ସୁଦୀପ୍ତ ନାଏକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶୀଲ ମିଶ୍ର, ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ରାଇମା କ୍ଲବ୍ ?ର ସାଧାରଣ ସମ୍ପାଦକ ବାସୁଦେବ ବାନାର୍ଜୀ ଏବଂ କ୍ରୀଡ଼ାପ୍ରେମୀ ଓ. ପି. ସିଂହ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରାଧ୍ୟାପିକା ଡ ପ୍ରଜ୍ଞା ପରମିତା ପଣ୍ଡାଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଉରକେଲା,୨୫/୮(ନି/ପ୍ର): ରାଉରକେଲା ଆଇନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ଡ ପ୍ରଜ୍ଞା ପରମିତା ପଣ୍ଡାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତିଙ୍କ ସଭାପତିତ୍ୱରେ ସହକାରୀ ପ୍ରାଧ୍ୟାପିକା ଡ. ପଣ୍ଡା ଙ୍କ ଉପଲକ୍ଷେ ଏକ ବିଦାୟକାଳୀନ ସଭା ର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ତଥା ମହାବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ପରିଚାଳନା କମିଟି ତଥା ସଭାପତି ଙ୍କ ତରଫରୁ ଉପସ୍ଥିତ ରହି ନିଜର ଏକ ଭାବବିହ୍ୱଳ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶ୍ରୀ ମହାପାତ୍ର ଏହା ଏକ ସାମାଜିକ ପରମ୍ପରା ଏବଂ ଜୀବନର ସୁଖ - ଦୁଃଖ ଅନୁଭୂତି ଭାବେ ବର୍ଣ୍ଣନା ସହିତ ତାଙ୍କର ଉନ୍ନତି କାମନା କରିଥିଲେ। ଅଧ୍ୟକ୍ଷା ଡ. ମହାନ୍ତି ଜଣେ ନିତି ଦିନ ର ସାଥୀ ଏଂ ଜଣେ ଭଲ ସହକର୍ମୀ କୁ ଆମେ ବିଦାୟ ଦେଉଛୁ ଓ ତାଙ୍କ ଭବିଷ୍ୟତ ର ଉନ୍ନରୋନ୍ନର ଉନ୍ନତି କାମନା କରିଥିଲେ। ବିଦାୟୀ ପ୍ରାଧ୍ୟାପିକା ଡ. ପଣ୍ଡା ମହାବିଦ୍ୟାଳୟରେ ବିତାଇଥିବା ଅନୁଭୂତିକୁ ବର୍ଣ୍ଣନା



କରିଥିଲେ ।ସହକାରୀ ପ୍ରାଧ୍ୟାପକ ଡ. ତନ୍ମୟ ରାଜ୍ ପାଢ଼ୀ, ଡ. ଦିବ୍ୟେନ୍ଦୁ କୁମାର ପଣ୍ଡା ଓ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ସହ ଡ. ଶ୍ରୀମତୀ ପଣ୍ଡାଙ୍କୁ ଏକ ଆବେଗପୂର୍ଣ୍ଣ ମୁହୂର୍ତ୍ତ ରେ ବିଦାୟ ଦେଇଥିଲେ ।

# ବନ୍ୟା ପରେ ରୋଗ ଭୟ

## ଧାମନଗରରେ ମେଗା ସ୍ୱାସ୍ଥ୍ୟ ଶିବିର

ଭଦ୍ରକ,୨୫/୮(ନି/ପ୍ର):ବାରମ୍ବାର ବନ୍ୟାରେ ଧାମନଗର ବ୍ଲକର ଜନଜୀବନ ପ୍ରଭାବିତ ହେଉଥିବାବେଳେ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର କାରଣ ପାଲଟିଛି। ଦୂଷିତ ବନ୍ୟାଜଳ ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଡାଇରିଆ, ଟାଇଫଏଡ୍, ଚର୍ମରୋଗ, ଚକ୍ଷୁ ସଂକ୍ରମଣ ସହ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗର ଆଶଙ୍କା ରହିଛି। ଏଭଳି ସମୟରେ ବନ୍ୟା ପ୍ରଭାବିତଙ୍କୁ ତ୍ୱରିତ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଧାମନଗର ବ୍ଲକ କରଦାସ୍ଥିତ ପ୍ରଫୁଲ୍ଲ ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଏହି ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଶତାଧିକ ଅଂଚଳବାସୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ସେବା ନେଇଥିଲେ। ଶିବିରରେ ୧୮ଟି ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ସହ ୪୦ରୁ ଅଧିକ ପାରାମେଡିକାଲ୍ କର୍ମଚାରୀ ନିୟୋଜିତ ହୋଇଥିଲେ। ବିଭିନ୍ନ ବିଭାଗରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ଓ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା। ଏଥିସହ ସ୍ୱତନ୍ତ୍ର ଚକ୍ଷୁ ଚିକିତ୍ସା ୟୁନିଟ୍ ଖୋଲାଯାଇ ନିଃଶୁଳ୍କ ଆଖି ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଦିଆଯାଇଥିଲା। ରୋଗୀଙ୍କୁ ଆବଶ୍ୟକ ଔଷଧ ମଧ୍ୟ ମାଗଣାରେ ପ୍ରଦାନ କରାଯାଇଥିଲା। ବନ୍ୟା ପରେ ଦୂଷିତ ପାଣି ଓ ଖାଦ୍ୟ ଯୋଗୁଁ ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ରହୁଥିବାବେଳେ ଜମି ରହିଥିବା ବନ୍ୟାଜଳ ଯୋଗୁଁ ମଶାବାହିତ ରୋଗ ବଢ଼ିବାର ମଧ୍ୟ ଆଶଙ୍କା ରହିଛି। ଏନେଇ ଶିବିରରେ ଲୋକଙ୍କୁ ସ୍ୱଚ୍ଛ ପାଣି ପିଇବା, ଖାଦ୍ୟକୁ ସୁରକ୍ଷିତ ରଖିବା ଓ ଅସୁସ୍ଥ ଅନୁଭବ କଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସଚେତନ କରାଯାଇଥିଲା। ସମାଜର ଶେଷ ସୀମାରେ ଥିବା ଲୋକଙ୍କ ନିକଟରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଂଚାଇବା ସହ ପ୍ରତ୍ୟେକ ଜୀବନକୁ ସୁରକ୍ଷିତ ରଖିବା ସରକାରଙ୍କ ପ୍ରାଥମିକତା ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ।

# ରଙ୍ଗ କାରଖାନାରେ ଭୀଷଣ ଅଗ୍ନିକାଣ୍ଡ, ଭୟର ଆତଙ୍କ



ରାଉରକେଲା,୨୫/୮(ନି/ପ୍ର): ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ରାଉରକେଲା ସହରର ବ୍ରାହ୍ମଣୀ ତରଙ୍ଗ ଥାନା ଅଟଂଳସ୍ଥ କଲୁଙ୍ଗା ଶିଳ୍ପାଂଚଳରେ ଥିବା 'କାବେରୀ ପେଟ୍‌ସଂ' ନାମକ ଏକ କାରଖାନାରେ ଏକ ଭୀଷଣ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ କାରଖାନାର ବହୁତ କ୍ଷତି ହୋଇଥିବା ସୂଚନା ମିଳିଛି। ନିଆଁ ଏତେ ଭୟଙ୍କର ଥିଲା ଯେ ଦେଖୁଦେଖୁ ଏହା ଏକ ବିରାଟ ରୂପ ନେଇଥିଲା ଏବଂ ସମଗ୍ର ପରିସରକୁ ନିଜ କବଜାକୁ ନେଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା କ୍ଷଣି ଦମକଳ ବାହିନୀର ୫ଟି ଗାଡ଼ି ତୁରନ୍ତ ଘଟଣାସ୍ଥଳରେ ପହଂଚିଛନ୍ତି ଏବଂ ନିଆଁକୁ ଆୟନ୍ତ କରିବା ପାଇଁ ଲଗାତାର ପ୍ରୟାସ ଜାରି ରହିଛି। ଯେହେତୁ କାରଖାନା ଭିତରେ ପେଟଂ ପ୍ରସ୍ତୁତ କରିବାରେ ବ୍ୟବହୃତ ହେଉଥିବା ଅତ୍ୟଧିକ ଜ୍ୱଳନଶୀଳ ରାସାୟନିକ ପଦାର୍ଥ ଓ ସାମଗ୍ରୀର ପ୍ରଚୁର ଭଣ୍ଡାର ରହିଛି, ସେଥିପାଇଁ ନିଆଁ ବହୁତ ଦ୍ରୁତ ଗତିରେ ବ୍ୟାପୁଛି। ଦମକଳ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ଲକ୍ଷ୍ୟଗୁଡ଼ିକୁ ଲିଭାଇବା ଏବଂ ଆଖପାଖର ଅନ୍ୟାନ୍ୟ ଅଟଂଳ ଓ କୋଠାଗୁଡ଼ିକୁ ନିଆଁରୁ ରକ୍ଷା କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ସ୍ଥାନୀୟ ପ୍ରଶାସନ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ରହି ସମଗ୍ର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।

# ଇନର ହୁଇଲର ସାମାଜିକ କାର୍ଯ୍ୟକ୍ରମ




ରାଉରକେଲା,୨୫/୮(ନିପ୍ର): ଇନର ହୁଇଲ କ୍ଲବ୍ ଅଫ୍ ରାଉରକେଲା ରିଭରସାଇଡ ତରଫରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯାଇଛି। ଅନୁଷ୍ଠାନର ସଭାପତି ଅଞ୍ଜଳି ହୋତା ଓ ସମ୍ପାଦିକା ମଞ୍ଜୁଳା ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଲହୁଣିପଡା ଠାରେ ଥିବା କଳ୍ପତରୁ ଆଶ୍ରମର ୩୫ ଜଣ ଅନ୍ତେବାସୀମାନଙ୍କ ପାଇଁ ଆହାର ପ୍ରୋଜେକ୍ଟ କାର୍ଯ୍ୟକ୍ରମରେ ଚାଉଳ,ହରଡ ଡାଲି,ଚଣା ଡାଲି,ଚୁଡା, ଚିନି,ସୁଜି, ବିସ୍କୁଟ,ସର୍ଫ, ସାବୁନ, ଟୁଥପେଷ୍ଟ ଆଦି ପ୍ରାୟ ଚଉଦ ହଜାର ଟଙ୍କାର ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ସମ୍ପ୍ରତି ବର୍ଷାକୁ ଲକ୍ଷ୍ୟ ରେ ରଖି ରାସ୍ତା କଡ଼ରେ ବସି ବ୍ୟବସାୟ କରୁଥିବା ବ୍ୟବସାୟୀ ଭାଇ ମାନଙ୍କୁ ଛତା ବଟଂନ କରାଯାଇଥିଲା। ଅନ୍ୟପଟେ ରିଭରସାଇଡ ର ସମସ୍ତ ସଦସ୍ୟା ଙ୍କ ମଧ୍ୟରେ ଐକ୍ୟବଦ୍ଧତା ରକ୍ଷା କରିବା ପାଇଁ ସ୍ଥାନୀୟ ପ୍ଲଟନ ମଲ ଠାରେ ଏକ ବନ୍ଧୁମିଳନର କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସଭାପତି ଶ୍ରୀମତୀ ହୋତା, ସମ୍ପାଦିକା ଶ୍ରୀମତୀ ପାତ୍ରଙ୍କ ବ୍ୟତୀତ ସୁପ୍ରିୟା ମହାନ୍ତି, ସବିତା ମହାନ୍ତି, ଅନିତା ନାୟକ,ଅମ୍ରିତା ତ୍ରିପାଠୀ,ଅଜିତା ମହାନ୍ତି,ସମରଜିତ ଶେଖନ, ମମତା ପାଠୀ,ମଞ୍ଜୁବାଳା ପାଢ଼ୀ, ସୁଚିତ୍ରା, ସୁପ୍ରଭା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ବୈତରଣୀରେ ପୁଣି ବଡ ବନ୍ୟା

ଭଦ୍ରକ,୨୫/୮(ନି/ପ୍ର): ବୈତରଣୀ ନଦୀରେ ପୁଣି ବଡଧରଣର ବନ୍ୟା ଆସିଛି। ମାତ୍ର ଏକ ସପ୍ତାହ ଅନ୍ତରରେ ବନ୍ୟାଜଳ ୭ ଫଂଚାୟତକୁ ବୁଡାଇ ଦେଇଛି। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ଆଖୁଆପଦାରେ ବିପଦସଙ୍କେତ ସ୍ତର ୧୮.୩୩ମିଟର ଉପରେ ରହି ୧୮.୪୩ ମିଟରରେ ପ୍ରବାହିତ ହେଉଛି। ଜଳସ୍ତର ଘଂଟାପ୍ରତି ୪ ମି.ମି. ବେଗରେ ହ୍ରାସ ପାଉଛି। ବ୍ଲକ ଅଂଚଳରେ ଗତ ୨୪ ଘଂଟା ମଧ୍ୟରେ ୫ ମି.ମି. ବର୍ଷା ହୋଇଛି। ଗତ ୨୪ ଘଂଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ସର୍ବାଧିକ ୧୦୩.୪ ମି.ମି., ସ୍ୱାମୀପାଟଣାରେ ୮୦.୪ ମି.ମି., କେଉଁଝରରେ ୮୦.୪ମି.ମି., ଆନନ୍ଦପୁରରେ ୨୯.୫ ମି.ମି. ଓ ଆଖୁଆପଦାରେ ୧୮.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। କଂଟିଘାଇରେ ପ୍ରବାହିତ ବନ୍ୟାଜଳ ୫ ଫଂଚାୟତର ଜନସାଧାରଣଙ୍କ ପାଇଁ କାଳ ସାଜିଛି। ଚଳିତ ବର୍ଷାରେ ଷୋଳମପୁର ଫଂଚାୟତର ମଣିନାଥପୁର, ଷୋଳମପୁର, ବରାହନୂଆପଡା, ମୁଢ଼ାପଦା, ବିନ୍ଧାଣ, ବିରୋଳି ଗ୍ରାମ, ମାଳଦା ଫଂଚାୟତର ଜଳହରୀ, ଚତୁର୍ଭୁଜପୁର, ରାମପୁର, ମାଳଦା ଆଦି ଗ୍ରାମ, ନପଙ୍ଗ ଫଂଚାୟତର ବଡନପଙ୍ଗ, ନପଙ୍ଗ, ଭାଟଣା, ଜୋରାଗଡିଆ

# ବାଲିଶଙ୍କରା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ସୁନ୍ଦରଗଡ଼,୨୫/୮(ନି/ପ୍ର): ବାଲିଶଙ୍କରା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼। ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୬୮ ଗୋଟି ଅଭିଯୋଗ ରହିଥିଲା। ସେଥି ମଧ୍ୟରୁ ୩୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୬ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୦ ଗୋଟି ଅଭିଯୋଗ ର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ପୋଖରୀରୁ ୬୫ ବର୍ଷୀୟଙ୍କ ମୃତଦେହ ଉଦ୍ଧାର

ଭଦ୍ରକ,୨୫/୮(ନି/ପ୍ର): ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ମୁସ୍ତାଫାପୁର ଫଂଚାୟତ ରାଘୁନାଥପୁର ଗ୍ରାମର ଏକ ପୋଖରୀରୁ ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସେହି ଗ୍ରାମର କଂଗ୍ରେସ ଦାସ (୬୫)। ସୂଚନାନୁଯାୟୀ, କଂଗ୍ରେସ ରବିବାର ରାତିରେ ଖାଇସାରି ଘରେ ଶୋଇଥିଲେ। ତେବେ ସୋମବାର ସକାଳେ ତାଙ୍କ ମୃତଦେହ ଘର ନିକଟସ୍ଥ ଏକ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ଖବର ପାଇ ଦମକଳ ବାହିନୀ ପହଂଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା।

# ଆରଏସପିର ମେକାନିକାଲ୍ ସପ୍ ଦ୍ୱାରା ପ୍ଲେଟ୍ ମିଲ୍ ପାଇଁ ନିଜସ୍ୱ ଜ୍ଞାନକୌଶଳରେ ଟର୍ଣ୍ଣ ଟେବୁଲ୍ ରୋଲ୍ ବିକାଶ ସାଧନ




ରାଉରକେଲା,୨୫/୮(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନାର ମେକାନିକାଲ୍ ସପ୍ ପ୍ଲେଟ୍ ମିଲ୍ ପାଇଁ ଆବଶ୍ୟକ ଏକ ଗୁରୁତ୍ୱପୂର୍ଣ୍ଣ ଟର୍ଣ୍ଣ ଟେବୁଲ୍ ରୋଲ୍ ର ଇନ୍-ହାଉସ୍ (ନିଜସ୍ୱ) ନିର୍ମାଣ ଦାୟିତ୍ୱ ଗ୍ରହଣ କରି ନିଜର ଇଞ୍ଜିନିୟରିଂ ଦକ୍ଷତା ଏବଂ ଅଭିନବ ସମସ୍ୟା-ସମାଧାନ କ୍ଷମତାକୁ ପୁଣିଥରେ ପ୍ରମାଣିତ କରିଛି। ଏହି ପଦକ୍ଷେପ ଆରଏସପି ପାଇଁ ପ୍ରାୟ ୨୫ ଲକ୍ଷ ଟଙ୍କା ସଂଚୟ କରିବ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶର ଠିକ୍ ସମୟରେ ଉପଲବ୍ଧତାକୁ ମଧ୍ୟ ନିଶ୍ଚିତ କରିବ। ପ୍ଲେଟ୍ ମିଲ୍‌ରେ ପ୍ଲେଟ୍ ଗୁଡିକର ସୁଗମ ଗତି ଏବଂ ଉତ୍ପାଦନ ପାଇଁ ଟର୍ଣ୍ଣ ଟେବୁଲ୍ ରୋଲ୍ ଅତ୍ୟନ୍ତ ଜରୁରୀ ଅଟେ। ପୂର୍ବରୁ ଥିବା ରୋଲ୍ ଟି ବହୁଳ ବ୍ୟବହାର ପରେ ଏହାର ପରିବର୍ତ୍ତନର ଆବଶ୍ୟକତା ଥିଲା। ଆବଶ୍ୟକୀୟ ରୋଲ୍ ଟି ୮ ମିଟର ଲମ୍ବ, ୫୫୦ ମିଲିମିଟର ବ୍ୟାସ ଏବଂ ପ୍ରାୟ ୧୩ ଟନ୍ ଓଜନ ଯୁକ୍ତ ହେବା ସହ ୪ ମିଟର ଲମ୍ବ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟେପର ଟର୍ଣ୍ଣିଂ ପ୍ରକ୍ରିୟାର ଆବଶ୍ୟକତା ଥିଲା, ଯାହାଦ୍ୱାରା ଏହାର ବ୍ୟାସ ୫୫୦ ମିମିରୁ ୪୯୦ ମିମି କୁ ହ୍ରାସ କରାଯାଇପାରିବ। ଏହାର ଜରୁରୀକାଳୀନ ଆବଶ୍ୟକତା ଏବଂ ନିଜସ୍ୱ ଦକ୍ଷତା ବ୍ୟବହାର କରି ଏହି ଯନ୍ତ୍ରାଂଶର ବିକାଶ କରିବାର ସୁଯୋଗକୁ ଦୃଷ୍ଟିରେ ରଖି ଏହି ଦାୟିତ୍ୱ ମେକାନିକାଲ୍ ସପ୍ କୁ ପ୍ରଦାନ କରାଯାଇଥିଲା। ବିଭାଗ ଏହାର ବିସ୍ତୃତ ଡ୍ରଇଂ ଏବଂ ମେସିନିଂ ଆବଶ୍ୟକତାଗୁଡ଼ିକୁ ଅଧ୍ୟୟନ କରିବା ସହ ସପ୍ ରେ ଉପଲବ୍ଧ ସୁବିଧାଗୁଡ଼ିକର ଆକଳନ କରିଥିଲେ। ଏକ ପ୍ରମୁଖ ଆହ୍ୱାନ ଥିଲା ଯେ, ମେକାନିକାଲ୍ ସପ୍ ରେ ଉପଲବ୍ଧ ଲଙ୍ଗ୍ ଲେଥ୍ ମେସିନ୍ ରେ କେବଳ ୧ ମିଟର ଲମ୍ବ ପର୍ଯ୍ୟନ୍ତ ଟେପର ଟର୍ଣ୍ଣିଂ ସୁବିଧା ଥିଲା, ଯେତେବେଳେ କି ଟିଟି ରୋଲ୍ ପାଇଁ ୪ ମିଟର ପର୍ଯ୍ୟନ୍ତ ଟେପର ଟର୍ଣ୍ଣିଂ ଦରକାର ଥିଲା। ଏହି ବର୍ଦ୍ଧିତ ଲମ୍ବ ପାଇଁ ଆବଶ୍ୟକ ଟେପର ହାସଲ କରିବା ନିମନ୍ତେ, ମେକାନିକାଲ୍ ସପ୍ ଟିମ୍ ବିସ୍ତୃତ ଇଞ୍ଜିନିୟରିଂ ହିସାବ ଆଧାରରେ ଟେପର ଟର୍ଣ୍ଣିଂ ଆଟାଚମେଟଂ ଗିଅର୍‌ରେ ଆବଶ୍ୟକୀୟ ପରିବର୍ତ୍ତନ କରି ଏହି ଆହ୍ୱାନକୁ ସଫଳତାର ସହ ସାମ୍ନା କରିଥିଲେ। ପ୍ରକୃତ ମେସିନିଂ ପ୍ରକ୍ରିୟା ପୂର୍ବରୁ ଏହି ପରିବର୍ତ୍ତିତ ବ୍ୟବସ୍ଥାକୁ ସଫଳତାର ସହ ପରୀକ୍ଷା ଏବଂ ପ୍ରମାଣିତ କରାଯାଇଥିଲା, ଯାହା ମେକାନିକାଲ୍ ସପ୍ କୁ ନିଜର ଉପଲବ୍ଧ ସୁବିଧା ସହିତ ଏହି ଆହ୍ୱାନମୂଳକ କାର୍ଯ୍ୟ ଗ୍ରହଣ କରିବାକୁ ସକ୍ଷମ କରିଥିଲା। ସମ୍ବଳର ଉପଯୁକ୍ତ ବ୍ୟବହାରର ଅନ୍ୟ ଏକ ଉଲ୍ଲେଖନୀୟ ଉଦାହରଣ ସ୍ୱରୂପ, ଟିଟି ରୋଲ୍ ପ୍ରସ୍ତୁତ କରିବା ପାଇଁ ଟିମ୍ କଚାଂମାଲ ଭାବରେ ହଟ୍ ଷ୍ଟ୍ରିପ୍ ମିଲ୍ ବିଭାଗରୁ ଆସିଥିବା ଏକ ବ୍ୟବହୃତ ୬୦୦ ମିମି ବ୍ୟାସ ଏବଂ ୯ ମିଟର ଲମ୍ବର ସ୍ପିଣ୍ଡଲ୍ କୁ ବ୍ୟବହାର କରିଥିଲେ। ଉପଲବ୍ଧ ସାମଗ୍ରୀର ଏହି ଅଭିନବ ଉପଯୋଗ କଚାଂମାଲ ଖର୍ଚ୍ଚକୁ ପ୍ରାୟ ନଗଣ୍ୟ କରିଦେଇଥିଲା। ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଜାରି ରହିଛି ଏବଂ ସମ୍ପୂର୍ଣ୍ଣ ହୋଇଥିବା ଟିଟି ରୋଲ୍ ଖୁବ୍ ଶୀଘ୍ର ବ୍ୟବହାର ପାଇଁ ପ୍ଲେଟ୍ ମିଲ୍ କୁ ହସ୍ତାନ୍ତର କରାଯିବ। ଏହି ସଫଳତା ମେକାନିକାଲ୍ ସପ୍ ର ବୈଷୟିକ ଦକ୍ଷତା, ଅଭିନବ ଆଭିମୁଖ୍ୟ ଏବଂ ଆତ୍ମନିର୍ଭରଶୀଳ କ୍ଷମତାକୁ ଦର୍ଶାଉଛି, ଯାହା ବିଦ୍ୟମାନ ସୁବିଧାଗୁଡ଼ିକର ପରିବର୍ତ୍ତନ ଏବଂ ଉପଲବ୍ଧ ସମ୍ବଳର ଉପଯୁକ୍ତ ବ୍ୟବହାର କରି ଏକ ଆହ୍ୱାନପୂର୍ଣ୍ଣ ମେସିନିଂ ଆବଶ୍ୟକତାକୁ ସଫଳତାର ସହ ପୂରଣ କରିଛି। ଏହି ଇନ୍-ହାଉସ୍ ନିର୍ମାଣ ବାହାରୁ ସାମଗ୍ରୀ କିଣିବା ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶର ଠିକ୍ ସମୟରେ ଉପଲବ୍ଧତା ନିଶ୍ଚିତ କରିବା ସହିତ ଆରଏସପି ପାଇଁ ପ୍ରାୟ ୨୫ ଲକ୍ଷ ଟଙ୍କାର ବ୍ୟାପକ ସଂଚୟ ଆଣିଦେବ।